# ଗଣିତ (୨୧୧)

# MATHEMATICS (211)

## ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୨୨-୨୩)

## TUTOR MARKED ASSIGNMENT (TMA), 2022-23

ସର୍ବାଧିକ ନମ୍ବର - ୨୦

Max. Marks :20

ଟିପ୍ପଣୀ :i. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାର୍ଶ୍ୱରେ ଉଲ୍ଲେଖ କରାଯାଇଛି ।

ii. ଉତ୍ତର ଖାତାର ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ, ପଞ୍ଜୀକରଣ ସଂଖ୍ୟା (ଏନରୋଲମେଂଟ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ପଷ୍ଟ ଭାବରେ ଲେଖ ।

୧. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ । (୨)

(କ)ପୁନିତ୍ ନିଜର BMI କୁ ଠିକ୍ କରିବା ନିମନ୍ତେ ସକାଳ ଭ୍ରମଣରେ ଯାଏ । ସେ ନିଜର ପ୍ରତିଦିନର ହାରାହାରି ଷ୍ଟେପ୍‌କୁ ନୋଟ୍ କରିବା ନିମନ୍ତେ କୌଣସି ଏକ ଫିଟ୍‌ନେସ୍ ଆପ୍‌ର ପ୍ରୟୋଗ କରିଥାଏ, ଯାହାର ଏକ ସପ୍ତାହର ପରିଣାମ ନିମ୍ନ ଲିଖିତ ସାରଣୀରେ ଦିଆ ଯାଇଛି ।

| ସୋମବାର | ମଙ୍ଗଳବାର | ବୁଧବାର | ଗୁରୁବାର | ଶୁକ୍ରବାର | ଶନିବାର | ରବିବାର |
|---|---|---|---|---|---|---|
| ୩୫୦୦ | ୩୦୦୦ | ୨୭୦୦ | ୩୨୦୦ | ୨୩୦୦ | ୨୮୦୦ | ୪୦୦୦ |

(i) ପୁନିତ୍ ଏକ ସପ୍ତାହରେ ଯାଇଥିବା ମୋଟ୍ ଷ୍ଟେପ୍ ନିର୍ଣ୍ଣୟ କର ।

(ii) କେଉଁଦିନ ସେ ସର୍ବାଧିକ ଷ୍ଟେପ୍ ନେଇଛି ନିର୍ଣ୍ଣୟ କର ।

(iii) ସପ୍ତାହରେ ହାରାହାରି ଭାବେ ସେ କେତେ ଷ୍ଟେପ୍ ଯାଇଛନ୍ତି ।

(ପାଠ – ୨୩ ଦେଖ)

(ଖ)

| | | | | |
|---|---|---|---|---|
| $x^2+1$ | $x-3$ | $x^3+x^2+1$ | $x^4+x^2+1$ | $x^4+1$ |
| $4x+3$ | $4x-3$ | $x^2-2x+1$ | $2x^3$ | $5x^3-x^2$ |

ଉପରୋକ୍ତ ସାରଣୀକୁ ଅନୁଧ୍ୟାନ କରି ଜଣେ ଶିକ୍ଷକ ୧୦ ଜଣ ଛାତ୍ରଙ୍କୁ ବ୍ଲାକ୍‌ବୋର୍ଡରେ ପଲିନୋମିଆଲ୍ ଲେଖିବା ପାଇଁ କହିଲେ । କେତେ ଜଣ ଛାତ୍ର ତୃତୀୟ ଘାତ ବିଶିଷ୍ଟ ପଲିନୋମିଆଲ୍ ଲେଖିଥିଲେ ।

ପଲିନୋମିଆଲ୍ $x^2-2x+1$ କୁ $x+1$ ଦ୍ୱାରା ଭାଗ କର । (ପାଠ – ୩ ଦେଖ)

(୨) ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ । (୨)


(କ) ଏକ ସଂଖ୍ୟା ରେଖାରେ O, A, B, C, D, E ଓ F ପୂର୍ଣ୍ଣ ସଂଖ୍ୟା ୦, ୧, ୨, ୩, -୧, -୨ ଓ -୩ କୁ ଯଥାକ୍ରମେ ଚିହ୍ନଟ କର । B ଠାରେ OB ପ୍ରତି ଲମ୍ବ BB ଯେପରିକି BB' =1 ଏକକ O କୁ କେନ୍ଦ୍ର ନେଇ P ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ଚାପ ରେଖାଟିକୁ ବିନ୍ଦୁରେ ଛେଦ କରେ । OP ର ଦୈର୍ଘ୍ୟ ନିର୍ଣ୍ଣୟ କର ।

(ପାଠ-୧ ଦେଖ)

(ଖ) ତୀର ଚିହ୍ନଟି ଏକ ବିଲିଆର୍ଡ ବଲ୍‌ଟିର ପଥ X ରୁ H ଦର୍ଶାଉଛି । XY ଓ ZH ସମାନ୍ତର ପଥଦ୍ୱୟ ହେଲେ କୋଣ a, b, c, d ଓ eର ମୂଲ୍ୟ ନିର୍ଣ୍ଣୟ କର । ତୁମର ପ୍ରଣାଳୀ ବର୍ଣ୍ଣନା କର ଓ କାରଣ ଦର୍ଶାଅ । (ପାଠ-୧୦ ଦେଖ)

୩) ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ । (୨)


(କ)ABCD ଚତୁର୍ଭୁଜରେ AD ଓ BO ଯଥାକ୍ରମେ ∠A ଓ ∠B ର ସମଦ୍ୱିଖଣ୍ଡକ ପ୍ରମାଣ କର $\angle AOB = \frac{1}{2}(\angle C + \angle D)$





(ଖ)ଯଦି $x + \frac{1}{x} = 5$, $x^3 + \frac{1}{x^3}$ ର ମୂଲ୍ୟ ନିର୍ଣ୍ଣୟ କର

୪ . ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ । (୪)

(କ) ଦିଆଯାଇଥିବା ଚିତ୍ରରେ AB II CD = $\angle A = 155^0$ $\angle E = 135^0$ ଓ $\angle FCD = x^0$ ତେବେ xର ମୂଲ୍ୟ ନିର୍ଣ୍ଣୟ କର ।





(ଖ)ଦିଆ ଯାଇଥିବା ଚିତ୍ରରେ ABC Δରେ $\angle A = 80^0$ $\angle C = 60^0$ $\angle B = 2x^0$ $\angle BDC = y^0$ BD ଓ CD ଯଥାକ୍ରମେ ∠B ଓ ∠C କୁ ସମଦ୍ୱିଖଣ୍ଡ କରନ୍ତି । x ଓ y ର ମୂଲ୍ୟ ନିରୂପଣ କର ।




୫. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ । (୪)

କ) ଦିଆ ଯାଇଥିବା ଚିତ୍ରରେ DE II BC ଓ DF II BE ହେଲେ ପ୍ରମାଣ କର ରେ $\frac{EF}{FB} = \frac{CE}{EB}$




ଖ) AB ଓ CD ଏକ ବୃ ରେ ଦୁଇଟି ଜ୍ୟା ଯେପରିକି CD = 12cm-ଓ AB II CDଯଦି AB ଓ CDମଧ୍ୟରେ ଦୂରତା 3cm, ବୃ ଟିର ବ୍ୟାସାର୍ଦ୍ଧ ନିର୍ଣ୍ଣୟ କର ।

୬. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରକଳ୍ପ ପ୍ରସ୍ତୁତ କର । (୬)

କ) ତୁମ ଅଂଚଳ ବା ଗ୍ରାମରେ ୫୦ ଜଣ ପରିବାରକୁ ନେଇ ସେମାନଙ୍କର ସଦସ୍ୟ ସଂଖ୍ୟା ଓ ପାରିବାରିକ ରୋଜଗାରକୁ ନେଇ ଏକ ସର୍ଭେ ପ୍ରସ୍ତୁତ କର ।

| ପରିବାରର କ୍ରମାଙ୍କ | ପରିବାରର ସଦସ୍ୟ ମାନଙ୍କ ସଂଖ୍ୟା | ପରିବାରର ବାର୍ଷିକ ଆୟ (ଲକ୍ଷରେ) |
|---|---|---|
| ୧ | | |
| ୨ | | |
| | | |
| | | |
| ୫୦ | | |

ପରିବାର ସଦସ୍ୟ ମାନଙ୍କର ଏକ ବାରମ୍ବାରତା ସାରଣୀ ପ୍ରସ୍ତୁତ କର ।

ପରିବାରର ହାରାହାରି ସଦସ୍ୟ ସଂଖ୍ୟା ନିର୍ଣ୍ଣୟ କର । କେତୋଟି ପରିବାର ହାରାହାରି ସଦସ୍ୟ ସଂଖ୍ୟା ପରିବାରଠାରୁ ଅଧିକ

୧୦ଟି ଅଧିକ ରୋଜଗାର ଥିବା ପରିବାରର ସ୍ତମ୍ଭଲେଖ ଅଙ୍କନ କର । (ପାଠ – ୨୪ ଦେଖ)

ଖ) (i) ABCD ଆୟତ ଚିତ୍ର ଅଙ୍କନ କର ଯେପରି AB = DC = 6cm ଓ AD = BC = 2cm

(ii) ବାହୁ DC ର ଦୁଇ ଶୀର୍ଷ ଠାରୁ ୧ ସେ.ମି. ଦୂରତାରେ ଏକ ଟ୍ରାପିଜିୟମ୍ EFGH ଅଙ୍କନ କର, ଯାହାର ଅନ୍ୟ ସମାନ୍ତରାଳ ବାହୁ ୨ ସେ.ମି. ଏବଂ DC ଠାରୁ ୩ ସେ.ମି. ଉଚ୍ଚତାରେ ଅବସ୍ଥିତ ।

(iii) FIJG ବର୍ଗକ୍ଷେତ୍ର ଅଙ୍କନ କର ଯାହାର ବାହୁର ଦୈର୍ଘ୍ୟ EG ସହିତ ସମାନ ।

(iv) ବାହୁ IJଠାରୁ 3cm ଉଚ୍ଚତାରେ ଅବସ୍ଥିତ K ବିନ୍ଦୁରେ I ଓ Jକୁ ଯୋଗ କର ।

ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

କ) କର୍ଣ୍ଣ AC ଓ DBର ଦୈର୍ଘ୍ୟ ନିର୍ଣ୍ଣୟ କର ।

ଖ) ଟ୍ରାପିଜିୟମ୍ EFGH ର କ୍ଷେତ୍ରଫଳ ନିର୍ଣ୍ଣୟ କର ।

ଗ) କର୍ଣ୍ଣ FJ ଏବଂ IG ର ଦୈର୍ଘ୍ୟ ନିର୍ଣ୍ଣୟ କର ।

ଘ) KI ଓ KJର ଦୈର୍ଘ୍ୟ ନିର୍ଣ୍ଣୟ କର ।

ଙ) କୋଣ $\angle IKJ$ ର ପରିମାଣ ନିର୍ଣ୍ଣୟ କର ।　　　　(ପାଠ ୧୦, ୧୧, ୧୨, ୧୩, ୧୪ ଦେଖ)

**ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା (୨୧୨)**

## SCIENCE & TECHNOLOGY (212)

**ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୨୨-୨୩)**

## TUTOR MARKED ASSIGNMENT (TMA), 2022-23

**ସର୍ବାଧିକ ନମ୍ବର - ୨୦**


Max. Marks :20

ଟିପ୍ପଣୀ :i. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାର୍ଶ୍ୱରେ ଉଲ୍ଲେଖ କରାଯାଇଛି ।

ii. ଉତ୍ତରଖାତାର ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ,ପଞ୍ଜିକରଣ ସଂଖ୍ୟା (ଏନରୋଲ୍‌ମେ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ପଷ୍ଟ ଭାବରେ ଲେଖ ।

୧. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ନିମ୍ନଲିଖିତ ମଡ଼େଲ ତାପୀୟ ବିଦ୍ୟୁତ ଉତ୍ପାଦନ ପ୍ରକ୍ରିୟାକୁ ପ୍ରଦର୍ଶିତ କରୁଛି ।




(i) ୧ ରୂପେ ଚିହ୍ନିତ ଉପକରଣକୁ ଚିହ୍ନଟ କର ଏବଂ ନାମାଙ୍କନ କର ।

(ii) ଧାତବ ଚାଦରରେ ଯୋଡ଼ି ହୋଇ ରହିଥିବା ଟେନିସ୍ ବଲ୍ ଘୂରେ । ଏହାର କାରଣ ଦର୍ଶାଅ ।

(iii) ଏହି ମଡ଼େଲ୍ ଦ୍ୱାରା ପ୍ରଦର୍ଶିତ ସିଦ୍ଧାନ୍ତ ଉପରେ ନିର୍ଭର କରୁଥିବା ଉପକରଣର ନାମ ଲେଖ ।

(iv) ଶକ୍ତିର ଯେଉଁ ରୂପ ବିଦ୍ୟୁତ ଶକ୍ତିରେ ରୂପାନ୍ତରିତ ହେଉଛି ତାହା ସ୍ପଷ୍ଟ କର ।

(ପାO- ୧୪ ଦେଖ)

(ଖ) ସୁନୀଲ ଏକ କାରକୁ ଖରାରେ ରଖି (ପାର୍କିଂ କରି ସୁରକ୍ଷା ଦୃଷ୍ଟିରୁ) ତାର କବାଟ ଓ ଝରକାଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ / ଭଲ ଭାବରେ ବନ୍ଦ କରିଦେଲା । କିଛି ସମୟ ପରେ କାରର କବାଟଗୁଡ଼ିକୁ ଖୋଲି ଉପଲବ୍ଧି କଲା ଯେ କାରର ଆଭ୍ୟନ୍ତରୀଣ ତାପମାତ୍ରା ଏହାର ବାହ୍ୟ ତାପମାତ୍ରାଠାରୁ ଅଧିକ । ତାପର କେଉଁ ପ୍ରଭାବରୁ ଏହା ଘଟିଲା ବୁଝାଅ । ଯଦି କାର୍‌ଟିକୁ ଏକ ଧଳା କପଡ଼ା

ଦ୍ୱାରା ସମ୍ପୂର୍ଣ୍ଣ ରୂପେ ଘୋଡ଼ାଇ ଦିଆଯାଏ ତେବେ ଏହାର ଆଭ୍ୟନ୍ତରୀଣ ତାପମାତ୍ରା ଉପରେ କିଛି ପ୍ରଭାବ ପଡ଼ିବ କି ? ଯଦି ହଁ, କାରଣ ସହ ବୁଝାଇ ଲେଖ ।

(ପାଠ-୧୪ ଦେଖ)

୨. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଶୀତ ଋତୁରେ ଥଣ୍ଡା ପ୍ରକୋପରୁ ରକ୍ଷା ପାଇବା ପାଇଁ ନିଆଁକୁ ତାପ ହିସାବରେ ବ୍ୟବହାର କରାଯାଏ । ଅତ୍ୟଧିକ ଥଣ୍ଡା କାରଣରୁ କୋଠରୀର ତାପମାତ୍ରା ବଢାଇବା ପାଇଁ ଶଶୀ କୋଠରୀରେ କାଠ ଜାଳିଲା ଏବଂ କୋଠରୀର ଝରକା ଏବଂ କବାଟଗୁଡ଼ିକୁ ବନ୍ଦ କରିଦେଲୋ । ଯେପରି ବାହାରର ଥଣ୍ଡା ପବନ କୋଠରୀ ଭିତରକୁ ପ୍ରବେଶ କରିପାରିବ ନାହିଁ । କିଛି ସମୟ ପରେ ସେ ଶ୍ୱାସରୋଧ ଅନୁଭବ କଲା । ଯେତେବେଳେ କୋଠରୀର ଝରକା ଓ କବାଟଗୁଡ଼ିକ ଖୋଲି ଦିଆଗଲା, ସେ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଆରାମ ଅନୁଭବ କଲା । ଶ୍ୱାସରୋଧରୁ ମୁକ୍ତି ଅନୁଭବ କଲା । ବାସ୍ତବରେ ଏହି ଘଟଣାର ମୁଖ୍ୟ କାରଣ କ'ଣ ବୁଝାଇ ଲେଖ ।

(ପାଠ- ୨୬ ଦେଖ)

(ଖ) ବୈଜ୍ଞାନିକମାନେ ପ୍ରକୃତିରେ ମିଳୁଥିବା ଅମ୍ଳଜାନ ପରମାଣୁର ବସ୍ତୁତ୍ୱର $\frac{1}{16}$ ଅଂଶକୁ ପାରମାଣବିକ ବସ୍ତୁତ୍ୱ ଏକକ ଭାବେ ଚୟନ କଲେ । ଏହାର କାରଣ ଦର୍ଶାଅ ।

୩. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଏକ ଜୀବାଣୁ କୋଷିକା ଏବଂ ଏକ ଉଦ୍ଭିଦ କୋଷିକାର ରେଖାଚିତ୍ର ଅଙ୍କନ କର ଏବଂ ଯେଉଁ ଅଂଶଗୁଡ଼ିକ କେବଳ ଏହି କୋଷିକା ଗୁଡ଼ିକରେ ଆନୁବଂଶିକ ପଦାର୍ଥ ପ୍ରେରଣ କରୁଛି ସେଗୁଡ଼ିକୁ ନାମାଙ୍କିତ କର ।

(ପାଠ- ୨୧ ଦେଖ)

(ଖ) ଜୀବନର ଉତ୍ପତ୍ତି ତତ୍ତ୍ୱ ସହିତ ଯୋଡ଼ି ହୋଇଥିବା କିଛି ବୈଜ୍ଞାନିକଙ୍କର ନାମ ନିମ୍ନରେ ଦିଆଯାଇଛି, ସେମାନଙ୍କ ମଧ୍ୟରୁ ଜଣେ ବୈଜ୍ଞାନିକଙ୍କୁ ଚିହ୍ନଟ କର, ଯିଏ ଜୀବନର ଉତ୍ପତ୍ତି ତତ୍ତ୍ୱକୁ ସମର୍ଥନ କରି ପ୍ରୟୋଗାତ୍ମକ ସାକ୍ଷ୍ୟ ପ୍ରମାଣ ଦେଇଥିଲେ ।

I. ଏ. ଆଇ ଓପେରିନ୍
II. ଷ୍ଟେନଲୀ ମିଲର
III. ଜେ.ବି.ଏସ୍ ହାଲଡେନ
IV. ହାରୋଲଡ୍ ୟୁରେ


(ପାଠ-୨୦ ଦେଖ)

୪. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ଅମୃତା ତା'ର ଘର ପାଖରେ ଥିବା ବର୍ଗାକାର ବଗିଚାର ମଧ୍ୟ ଭାଗରେ ବସିଛି । ବଗିଚାଟିର ପରିସୀମା ହେଉଛି ୪୮ ବର୍ଗ ମିଟର । ବଗିଚାର ବାମ ପାର୍ଶ୍ୱରେ ଏକ ରାସ୍ତା ଏବଂ ଅପର ପାର୍ଶ୍ୱରେ ଏକ ରାସ୍ତା ଅଛି । କିଛି ପିଲା ଗଳି ରାସ୍ତାରେ ବାଣ ଫୁଟାଇବା ଯୋଗୁଁ ଶବ୍ଦ ସୃଷ୍ଟି ହେଲା । ବଗିଚାରେ ବସିଥିବା ଅମୃତା ଏହି ଶବ୍ଦର ପ୍ରତିଧ୍ୱନି ଶୁଣିପାରିବ କି ନାହିଁ ? ଉପଯୁକ୍ତ କାରଣ ସହିତ ଉତ୍ତରଦିଅ/ ଲେଖ ।

(ପାଠ- ୧୮ ଦେଖ)

(ଖ) ନିମ୍ନଲିଖିତ ଗତିବିଧି / କାର୍ଯ୍ୟକଳାପକୁ ନିରୀକ୍ଷଣ କର ଏବଂ ଉତ୍ତର ପ୍ରଦାନ କର ।




(i) ପ୍ରତିକ୍ରିୟା ଦ୍ୱାରା ଦସ୍ତା ସ୍ଫଟିକ ଦ୍ରବ୍ୟ ମଧ୍ୟରେ ପରିବ ର୍ନ ହୁଏ । ପରିବ ର୍ନକୁ ନିରୀକ୍ଷଣ କରି ସ୍ପଷ୍ଟ ଭାବରେ ବୁଝାଇ ଲେଖ ।

(ii) ପ୍ରତିକ୍ରିୟାରେ ତାପମାତ୍ରାରେ ପରିବ ର୍ନ ହୁଏ / ତାପମାତ୍ରା ବଦଳେ । ତାପମାତ୍ରା ବଦଳିବାର କାରଣଗୁଡ଼ିକ ବୁଝାଇ ଲେଖ ।

(iii) ଯଦି କାଚ ପରୀକ୍ଷା ନଳୀଟି **dilute $H_2SO_4$** ପତଳା ସଲ୍‌ଫ୍ୟୁରିକ୍ ଅମ୍ଳ ସଂସ୍ପର୍ଶରେ ଆସେ, ତା'ହେଲେ ଉଭୟଙ୍କ ମଧ୍ୟରେ ହୋଇଥିବା ପ୍ରତିକ୍ରିୟାରେ କି ରାସାୟନିକ ପରବ ର୍ନ ହେଉଛି ବୁଝାଇ ଲେଖ ।

(iv) ଏକ ରାସାୟନିକ ପ୍ରତିକ୍ରିୟାରେ ଉତ୍ପନ୍ନ ହେଉଥିବା $H_2$ ଗ୍ୟାସର ସଂଗ୍ରହ କ୍ରିୟାବିଧି କ'ଣ ବୁଝାଇ ଲେଖ ।

(v) ପାଣିରେ $H_2$ ଗ୍ୟାସ୍‌ର ଦ୍ରବଣୀୟତା ଏବଂ ଅଦ୍ରବଣୀୟତାର ପ୍ରଭାବ କ'ଣ ବୁଝାଇ ଲେଖ ।

(vi) ବାୟୁ ଏବଂ $H_2$ ଗ୍ୟାସ୍ ମଧ୍ୟରେ କିଏ ଓଜନିଆ, କାରଣ ସହିତ ସ୍ପଷ୍ଟ କର । (ପାଠ – ୪ ଦେଖ)

୫. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) କାରଣ ସହିତ ନିମ୍ନଲିଖିତ ଉକ୍ତିକୁ ସ୍ପଷ୍ଟ କର । (ପାଠ – ୧୨ ଦେଖ)

i. ବିଭିନ୍ନ ପ୍ରକାର ବିଜୁଳି ଉତ୍ପାଦନ କେନ୍ଦ୍ର ପାଇଁ ବିଭିନ୍ନ ପ୍ରକାରର ଟର୍‌ବାଇନ୍ ନିର୍ମାଣ କରାଯାଏ ।

ii. ନ୍ୟୁକ୍ଲୀୟ ଶକ୍ତି ଉତ୍ପାଦନ କେନ୍ଦ୍ରରେ ବିଖଣ୍ଡନ କ୍ରିୟାକୁ ନିୟନ୍ତ୍ରଣ କରିବା ନିହାତି ଆବଶ୍ୟକ ।

iii. ଜଳ ବିଦ୍ୟୁତ୍ ଶକ୍ତି, ସୌର ଶକ୍ତି ଏବଂ ପବନ ଶକ୍ତିକୁ ନବୀକରଣୀୟ ଶକ୍ତି ବା ଅକ୍ଷୟ ଶକ୍ତି କୁହାଯାଏ ।

iv. ସୌର ଫଟୋଭୋଲ୍‌ଟାଇକ୍ ସେଲ୍‌କୁ ବ୍ୟବହାର କରି ମିଲିଓ୍ୱାଟ୍ ରୁ ମେଗାଓ୍ୱାଟ୍ ଶକ୍ତି ଉତ୍ପାଦନ ସମ୍ଭବ । (ପାଠ - ୧୨ ଦେଖ)

(ଖ) ଜୈବ ବିକାଶର ଆଧୁନିକ ସଂଶ୍ଳେଷଣାତ୍ମକବାଦ ସିଦ୍ଧାନ୍ତ ଅନୁସାରେ ନିମ୍ନଲିଖିତ ବାକ୍ୟାଂଶ ମଧ୍ୟରୁ ପ୍ରାକୃତିକ ବର୍ଣ୍ଣକ ଅର୍ଥ ବୁଝାଉଥିବା ସଠିକ୍ ବାକ୍ୟାଂଶକୁ ଚୟନ କର ତଥା ତୁମ ଉ ରର ସାର୍ଥକତା ପ୍ରତିପାଦନ କର –

(ପାଠ – ୨୦ ଦେଖ)

ଯୋଗ୍ୟତମର ଅତିଜୀବିତା

ଜୀବନର ଉତ୍ପ ି

ଅନୁକୂଳ ଲାଭ ଦେଉଥିବା ପରିବ ି ତ ଜିନ୍‌ର ଅଧିକରୁ ଅଧିକ ଜନନ

ଉଦ୍ୟୋଗିକ ମେଲାନିନ୍ ବର୍ଣ୍ଣକ (ପାଠ – ୨୦ ଦେଖ)

୬. ନିମ୍ନରେ ଦିଆଯାଇଥିବା ପ୍ରକଳ୍ପ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରକଳ୍ପ ପ୍ରସ୍ତୁତ କର । (୬)

(କ) ତୁମ ଅଂଚଳକୁ ପରିଦର୍ଶନ କରି ନିମ୍ନଲିଖିତ ଜିନିଷଗୁଡ଼ିକ ସଂଗ୍ରହ କର । (ପାଠ – ୪ ଦେଖ)

(କ) ତମ୍ବାର ତାର (ଖ) ଗନ୍ଧକ (ଗ) ଆଲୁମିନିୟମ୍ ଚାଦର (ଘ) ଲୁହା କଂଟା (ଙ) ଆୟୋଡିନ୍ କ୍ରିଷ୍ଟାଲ୍

- ଏହି ଜିନିଷଗୁଡ଼ିକୁ ଧାତୁ ଏବଂ ଅଧାତୁ ହିସାବରେ ବର୍ଗୀକୃତ କର ।
- ଲୁହା କଂଟା ଉପରେ ଏକ ଧୂସର ପ୍ରଲେପ ରହିଛି । ଏହାର କାରଣ ଦର୍ଶାଅ ।
- ତାପ ସୁପରିବାହୀଗୁଡ଼ିକୁ ଚିହ୍ନଟ କର ଏବଂ ପରିବାହିତାର ସଂଜ୍ଞା ନିରୂପଣ କର ।
- ଧାତୁ ସହିତ ଜଳର ପ୍ରତ୍ରିକିୟା ଲେଖ ।
- ଅଧାତୁ ସହିତ ଜଳର ପ୍ରତିକ୍ରିୟା ଲେଖ । (ପାଠ – ୪ ଦେଖ)

(ଖ) ଯଦି ପୁନୀତ ଏବଂ ତାଙ୍କର ବନ୍ଧୁ ରାସ୍ତା ଉପରେ ମୋଟରସାଇକେଲ୍ ଚଳାଇ ଯାଉଛନ୍ତି, ତୁମେ ଦେଖିଲ ଯେ ବିଭିନ୍ନ ସମୟରେ ମୋଟର ସାଇକେଲ୍ ଦ୍ୱୟ ବିଭିନ୍ନ ଅବସ୍ଥାନରେ ରହୁଛନ୍ତି । ପ୍ରତ୍ୟେକ ବାଇକ୍ ପାଇଁ ଭିନ୍ନ ଭିନ୍ନ ୫ଟି ସମାୟାନ୍ତରରେ ୫ଟି ଅବସ୍ଥାନ ପାଇଁ ଏକ ତାଲିକା ପ୍ରସ୍ତୁତ କର । (ପାଠ – ୯ ଦେଖ)

(i) ସମଗତି ପାଇଁ ସ୍ଥିତି - ସମୟ ଗ୍ରାଫ୍ ଅଙ୍କନ କର ।

(ii) ଅସମଗତି ପାଇଁ ସ୍ଥିତି - ସମୟ ଗ୍ରାଫ୍ ଅଙ୍କନ କର ।

(iii) ସ୍ଥିତି - ସମୟ ଗ୍ରାଫ୍‌ରୁ ବେଗକୁ ହିସାବ କର ।

(iv) ତୁମେ ଏବଂ ତୁମ ବନ୍ଧୁଙ୍କ ଦ୍ୱାରା ୧୦ ମିନିଟ୍‌ରେ ଅତିକ୍ରାନ୍ତ ଦୂରତାର ହିସାବ କର ।

(v) କାହାର ବେଗ ଅଧିକ ଅନୁଶୀଳନ କର ?

**ସାମାଜିକ ବିଜ୍ଞାନ (୨୧୩)**

## SOCIAL SCIENCE(213)

**ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୨୨-୨୩)**

## TUTOR MARKED ASSIGNMENT (TMA), 2022-23

**ସର୍ବାଧିକ ନମ୍ବର – ୨୦**

Max. Marks: 20

ଟିପ୍ପଣୀ :i. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାର୍ଶ୍ୱରେ ଉଲ୍ଲେଖ କରାଯାଇଛି ।

ii. ଉତ୍ତରଖାତାର ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ, ପଞ୍ଜିକରଣ ସଂଖ୍ୟା (ଏନରୋଲମେ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ପଷ୍ଟ ଭାବରେ ଲେଖ ।

୧. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ମଧ୍ୟକାଳୀନ ଭାରତର ଯେକୌଣସି ଦୁଇଟି ଭୌତିକ ଅବଶେଷକୁ ସ୍ପଷ୍ଟ କର ଏବଂ ଏହା କିପରି ସେ ସମୟର ଇତିହାସକୁ ବୁଝିବାରେ ତୁମକୁ ସାହାଯ୍ୟ କରିବ ବ୍ୟାଖ୍ୟା କର । (ପାଠ-୨ ଦେଖ)

(ଖ) ଭାରତରେ ଜୈନ ଧର୍ମ ଓ ବୌଦ୍ଧ ଧର୍ମର ଉତ୍‌ଥାନ ପାଇଁ ଦାୟୀ ଯେକୌଣସି ଦୁଇଟି କାରଣର ବିଶ୍ଳେଷଣ କର ।

(ପାଠ- ୧ ଦେଖ)

୨. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) "ମନୁଷ୍ୟର ଅସ୍ତିତ୍ୱ ପାଇଁ ପରିବେଶ ସନ୍ତୁଳନ ବହୁତ ଅଧିକ ମହତ୍ୱପୂର୍ଣ୍ଣ ।" ଏହି ଉକ୍ତି ସପକ୍ଷରେ ଯେକୌଣସି ଦୁଇଟି ଉଦ୍ଦେଶ୍ୟକୁ ଉଲ୍ଲେଖ କର । (ପାଠ-୧୧ ଦେଖ)

(ଖ) 'କ୍ଷିପ୍ର ଗତିରେ ବୃଦ୍ଧି ପାଉଥିବା ସହରୀକରଣର ଅନେକ ଦୁଷ୍ପରିଣାମ ଅଛି ।' ଏହି ଉକ୍ତିକୁ ସିଦ୍ଧ କର ।

(ପାଠ-୧୪ ଦେଖ)

୩. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ)ଗଣତନ୍ତ୍ରରେ ଜନମତର ଗୁରୁତ୍ୱକୁ ପରୀକ୍ଷା କର । (ପାଠ-୨୨ ଦେଖ)

(ଖ)ଜାତୀୟ ଏକୀକରଣର ଉନ୍ନତି ପାଇଁ ଯେକୌଣସି ଦୁଇଟି ଉପାଦାନର ଚିତ୍ରଣ କର ।

(ପାଠ-୨୪ ଦେଖ)

୪. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ଭାରତର ମଧ୍ୟ ଯୁଗରେ ଦୁଇ ନୂତନ ଗୁରୁତ୍ୱପୂର୍ଣ୍ଣ ଧର୍ମ ଯଥା ଶିଖ୍ ଓ ଇସ୍‌ଲାମର ଅଭ୍ୟୁଦୟ ହେଲା । ଏହି ଧର୍ମ ଦ୍ୱୟ ଆମ ସମାଜକୁ ଅତ୍ୟଧିକ ପ୍ରଭାବିତ କରିଥିଲା । ଏହାର ବିଶ୍ଳେଷଣ କର । (ପାଠ-୨ ଦେଖ)

(ଖ) ଭାରତରେ ବିଭିନ୍ନ ପ୍ରକାରର କୃଷିର ବିଶ୍ଳେଷଣ କର । ତୁମର ବିଶ୍ଳେଷଣକୁ ଆଧାର କରି ତୁମ ଅଂଚଳ ପାଇଁ କେଉଁ କୃଷି ଉପଯୁକ୍ତ ପ୍ରସ୍ତାବ ଦିଅ । ତୁମ ପ୍ରସ୍ତାବକୁ ସମର୍ଥନ କରି ଯେକୌଣସି ଚାରୋଟି କାରଣ ଉପସ୍ଥାପନ କର ।

(ପାଠ- ୧୨ ଦେଖ)

୫. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ପଂଚାୟତିରାଜ ବ୍ୟବସ୍ଥାରେ ୭୩ତମ ସଂବିଧାନ ସଂଶୋଧନ ଅଧିନିୟମ ୧୯୯୨ ର ପ୍ରଭାବକୁ ବିଶ୍ଳେଷଣ କର ।

(ପାଠ-୧୮ଦେଖ)

(ଖ) ଭାରତୀୟ ସଂବିଧାନର ପ୍ରସ୍ତାବନାରେ ଅନ୍ତର୍ଭୁକ୍ତ ସାଂବିଧାନିକ ମୂଲ୍ୟର ଏକ ସୂଚୀ ପ୍ରସ୍ତୁତ କର ।

(ପାଠ-୧୫ ଦେଖ)

୬. ନିମ୍ନରେ ଦିଆ ଯାଇଥିବା ପ୍ରକଳ୍ପ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରକଳ୍ପ ପ୍ରସ୍ତୁତ କର । (୬)

(କ) ତୁମେ ରହୁଥିବା ଅ ଳରେ ୧୦ଟି ଘରେ ସର୍ବେକ୍ଷଣ କର । ତିନୋଟି ପ୍ରମୁଖ ବୟସ ଶ୍ରେଣୀର ଲିଙ୍ଗ ଅନୁପାତ ନିର୍ଣ୍ଣୟ କର । ସର୍ବେକ୍ଷଣ ନିମ୍ନ ସାରଣୀ ଅନୁସାରେ ପ୍ରସ୍ତୁତ କର ।

| କ୍ର.ସଂ | ପ୍ରମୁଖ ବୟସ ଶ୍ରେଣୀ | ପୁରୁଷଙ୍କ ସଂଖ୍ୟା | ମହିଳାଙ୍କ ସଂଖ୍ୟା | ମୋଟ ଶତକଡା | | ଲିଙ୍ଗ ଅନୁପାତ |
|---|---|---|---|---|---|---|
| | | | | ପୁରୁଷ | ମହିଳା | |
| ୧ | ୦-୧୪ | | | | | |
| ୨ | ୧୫-୫୯ | | | | | |
| ୩ | ୬୦+ | | | | | |

ତାଲିକାରେ ଦିଅଯାଇଥିବା ଖବରକୁ ଆଧାର କରି ଲିଙ୍ଗ ଅନୁପାତ ପ୍ରସ୍ତୁତ କର । ବୟସ ଶ୍ରେଣୀ ଅନୁସାରେ ଲିଙ୍ଗ ଅନୁପାତ କେଉଁ ପ୍ରବୃତି ଅଟେ ? ଏହା ବୃଦ୍ଧି ପାଉଛି ନା କମ୍ ହେଉଛି ? ଏହା ଆମ ସମାଜ ଉପରେ କେଉଁ ପ୍ରଭାବ ପକାଉଛି ? ତଥ୍ୟକୁ ଆଧାର କରି ଲିଙ୍ଗ ଅନୁପାତର ସ୍ଥିତି ଉପରେ ଏକ ବିବରଣୀ ପ୍ରସ୍ତୁତ କର ।

(ପାଠ-୧୪ ଦେଖ)

(ଖ) ତୁମ ଆଖପାଖର ୧୦ଟି ପରିବାର ଉପରେ ସର୍ବେକ୍ଷଣ କର ଓ ଦୁଇଟି ସୂଚନା ପ୍ରସ୍ତୁତ କର ।

(i) ଭାରତୀୟ ନିର୍ବାଚନ ବିଷୟରେ ଏକ ସୂଚୀ ପ୍ରସ୍ତୁତ କର ।

(ii) ଲୋକଙ୍କ ଦ୍ୱାରା ପ୍ରସ୍ତାବିତ ନିର୍ବାଚନ ସଂସ୍କାର ମାନଙ୍କର ଏକ ସୂଚୀ ପ୍ରସ୍ତୁତ କର । ଏହି ସର୍ବେକ୍ଷଣ ଆଧାରରେ ନିଜର ଉପସଂହାର ଲେଖ ।

(ପାଠ-୨୨ ଦେଖ)

## ଅର୍ଥନୀତି (୨୧୪)

## ECONOMICS (214)

### ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୨୨-୨୩)

### TUTOR MARKED ASSIGNMENT (TMA), 2022-23

**ସର୍ବାଧିକ ନମ୍ବର - ୨୦**

Max. Marks : 20

ଟିପ୍ପଣୀ :i. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାର୍ଶ୍ୱରେ ଉଲ୍ଲେଖ କରାଯାଇଛି ।

ii. ଉତ୍ତର ଖାତାରେ ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ, ପଞ୍ଜିକରଣ ସଂଖ୍ୟା (ଏନରୋଲମେଂଟ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ପଷ୍ଟ ଭାବରେ ଲେଖ ।

୧. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର **ଉତ୍ତର**୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ସମ୍ବଳର ଅତ୍ୟଧିକ ଅପବ୍ୟବହାର ଯୋଗୁଁ ଅବାରିତ ବିକାଶ ଧାରଣା ଆଧାରରେ ଅର୍ଥଶାସ୍ତ୍ରର ସଂଜ୍ଞା ପ୍ରଦାନ କରା ଯାଇଛି । ଉପଯୁକ୍ତ ଉଦାହରଣ ସହିତ ଉକ୍ତିର ବ୍ୟାଖ୍ୟା କର ।

(ପାଠ- ୧ ଦେଖ)

(ଖ) ମାନବୀୟ ଅଭାବ ଅସୀମ ଏବଂ ଭିନ୍ନ ଭିନ୍ନ । ଗୋଟିଏ ଅଭାବ ପୂର୍ଣ୍ଣ ହେଲେ ଆଉ ଗୋଟିଏ ଅଭାବ ଦେଖା ଦେଇଥାଏ । ଏହି ଉକ୍ତି ଆଧାରରେ ଅଭାବର ବିଶେଷତା ଗୁଡିକର ତାଲିକା ପ୍ରସ୍ତୁତ କର ।

(ପାଠ- ୨ ଦେଖ)

୨. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ବ ର୍ତ୍ତମାନ ପୃଥିବୀର ଅଧିକାଂଶ ଦେଶ ଲାଭ ଓ ସାମାଜିକ କଲ୍ୟାଣଜନିତ ଅର୍ଥନୈତିକ ବ୍ୟବସ୍ଥା ଗ୍ରହଣ କରିଛନ୍ତି । ଏହି ଉକ୍ତି ଆଧାରରେ ଅର୍ଥନୈତିକ ବ୍ୟବସ୍ଥାର ବୈଶିଷ୍ଟ୍ୟ ଗୁଡିକର ତାଲିକା ତିଆରି କର । (ପାଠ-୪ ଦେଖ)

(ଖ) ଲୋକମାନଙ୍କର ବର୍ଦ୍ଧିତ ଆବଶ୍ୟକତା ଓ କେନ୍ଦ୍ରୀୟ ସମସ୍ୟାର ସମାଧାନର ଆବଶ୍ୟକତା ନିମନ୍ତେ ଅର୍ଥନୀତିରେ ସମ୍ବଳର ବୃଦ୍ଧି ଘଟିଛି । ଏକ ଉପଯୁକ୍ତ ଉଦାହରଣ ସହିତ ଉକ୍ତିର ବ୍ୟାଖ୍ୟା କର ।

(ପାଠ- ୫ ଦେଖ)

୩. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଗୋଟିଏ ଦ୍ରବ୍ୟର ବଜାରରେ ଦର ନିର୍ଦ୍ଧାରଣ ପାଇଁ ଚାହିଦା ଏବଂ ଯୋଗାଣ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାଏ । ରୈଖିକ ଉପସ୍ଥାପନା ଦ୍ୱାରା ଉକ୍ତିର ଯଥାର୍ଥତା ପ୍ରତିପାଦନ କର । (ପାଠ- ୧୧ ଦେଖ)

(ଖ) ଉପଭୋକ୍ତାଙ୍କ ମଧ୍ୟରେ ଅନ୍‌ଲାଇନ୍ ସପିଂ ଏବେ ଲୋକପ୍ରିୟ ହୋଇଛି । ଏହି ଉକ୍ତି ଆଧାରରେ ଅନଲାଇନ୍ ସପିଂ ବୃଦ୍ଧିର କାରଣ ଗୁଡିକୁ ଉଦାହରଣ ମାଧ୍ୟମରେ ପ୍ରକାଶ କର । (ପାଠ- ୧୨ ଦେଖ)

୪. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ଉତ୍ପାଦକ ଏବଂ ବିଶେଷ ଭାବେ କୃଷକ ମାନଙ୍କ ସ୍ୱାର୍ଥରକ୍ଷା ପାଇଁ ସହାୟକ ମୂଲ୍ୟ ସରକାରଙ୍କ ଏକ ମୁଖ୍ୟ ନୀତି ଅଟେ । ଆଲେଖିକ ଉପସ୍ଥାପନା ଦ୍ୱାରା ଏହି ଉକ୍ତିର ଆଲୋଚନା କର ।

(ପାଠ- ୧୩ ଦେଖ)

(ଖ) ତୁମ ଅଂଚଳର ଯେ କୌଣସି ବୀମା କମ୍ପାନୀର ଆଂଚଳିକ କାର୍ଯ୍ୟାଳୟକୁ ପରିଦର୍ଶନ କରି କାର୍ଯ୍ୟକାରୀ ଅଧିକାରୀଙ୍କ ସହିତ ବୀମା କରିବା ପାଇଁ ଉପାୟ ବିଷୟରେ ଆଲୋଚନା କର । ସେହି ଆଲୋଚନାର ଏକ ସଂକ୍ଷିପ୍ତ ବିବରଣୀ ପ୍ରସ୍ତୁତ କର ।

(ପାଠ-୧୬ ଦେଖ)

୫. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର **ଉତ୍ତର** ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ପୂର୍ଣ୍ଣ ପ୍ରତିଯୋଗିତା ମୂଳକ ବଜାର ଏବଂ ଏକାଧିକାର ବଜାର ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

(ପାଠ- ୧୨ ଦେଖ)

(ଖ) ସ୍ୱାଧୀନତା ପୂର୍ବାପେକ୍ଷା ବ ର୍ମାନ ଭାରତୀୟ ଅର୍ଥନୀତିର ବୈଶିଷ୍ଟ୍ୟରେ ଅନେକ ପ୍ରଗତିଶୀଳ ପରିବ ର୍ନ ସ୍ଥାନ ନେଇଛି ।

ନିମ୍ନରେ ଦିଆ ଯାଇଥିବା ବୈଶିଷ୍ଟ୍ୟକୁ ଆଧାର କରି ଉକ୍ତିର ଯଥାର୍ଥତା ପ୍ରତିପାଦନ କର ।

- ମୁଣ୍ଡପିଛା ଆୟର ସ୍ୱଳ୍ପ ସ୍ତର
- ଭାରୀ ଜନସଂଖ୍ୟା ଚାପ
- ଦାରିଦ୍ର୍ୟତାର ସ୍ଥିତି
- ଜ୍ଞାନକୌଶଳ ଜନିତ ଅଗ୍ରଗତି

(ପାଠ- ୧୯ ଦେଖ)

୬. ନିମ୍ନରେ ଦିଆ ଯାଇଥିବା ପ୍ରକଳ୍ପ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରକଳ୍ପ ପ୍ରସ୍ତୁତ କର । (୬)

(କ) ଭାରତ ଏକ ବିଶାଳ ଦେଶ । ଏଠାରେ ମୋଟ ଜନସଂଖ୍ୟାର ଏକ ବୃହତର ଭାଗ ଗ୍ରାମାଂଚଳରେ ବାସ କରନ୍ତି ଏବଂ ବେକାରୀ ଓ ଦାରିଦ୍ର୍ୟ ଯୋଗୁଁ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହି ସମସ୍ୟାରୁ ମୁକ୍ତି ପାଇଁ ୨୦୦୫ ମସିହାରେ ପ୍ରଣିତ ମନରେଗା କାର୍ଯ୍ୟକ୍ରମ ଆଶାର କିରଣ ସୃଷ୍ଟି କରିଛି । ମନରେଗା ୨୦୦୫ ଉପରେ ଏକ ପ୍ରକଳ୍ପ ପ୍ରସ୍ତୁତ କରି ଏହି ଉକ୍ତିର ସତ୍ୟତା ପ୍ରମାଣ କର ।

(ପାଠ- ୨୧ ଦେଖ)

(ଖ) ନିମ୍ନରେ ଦିଆଯାଇଥିବା ତଥ୍ୟକୁ ଆଧାର କରି "ପ୍ରାଥମିକ ଏବଂ ମାଧ୍ୟମିକ ଶିକ୍ଷା ପାଇଁ ଯୋଜନା" ଉପରେ ଏକ ସଂକ୍ଷିପ୍ତ ପ୍ରକଳ୍ପ ପ୍ରସ୍ତୁତ କର ।

- ସର୍ବ ଶିକ୍ଷା ଅଭିଯାନ (SSA)
- ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନର ଜାତୀୟ କାର୍ଯ୍ୟକ୍ରମ
- ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ (RMSA)
- ମାଧ୍ୟମିକ ସ୍ତରରେ ଭିନ୍ନକ୍ଷମ ମାନଙ୍କ ପାଇଁ ସମାବେଶୀ ଶିକ୍ଷା (IEDSS)
- ସାକ୍ଷର ଭାରତ (ପାଠ- ୨୧ ଦେଖ)

**ବ୍ୟବସାୟ ଅଧ୍ୟୟନ (୨୧୫)**

## BUSINESS STUDIES (215)

**ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୨୨-୨୩)**

## TUTOR MARKED ASSIGNMENT (TMA), 2022-23

**ସର୍ବାଧିକ ନମ୍ବର – ୨୦**

Max. Marks :20

ଟିପ୍ପଣୀ :i. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାର୍ଶ୍ୱରେ ଉଲ୍ଲେଖ କରାଯାଇଛି ।

ii. ଉତ୍ତର ଖାତାର ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ, ପଞ୍ଜିକରଣ ସଂଖ୍ୟା (ଏନରୋଲମେଂଟ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ପଷ୍ଟ ଭାବରେ ଲେଖ ।

୧. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) 'ପରିବହନ ବ୍ୟବସାୟ ନିମନ୍ତେ ଏକ ସହାୟକ ଅଟେ'- ଏହି ଉକ୍ତିକୁ ନିଜ ଭାଷାରେ ବୁଝାଇ ଲେଖ ।

(ପାଠ-୫ ଦେଖ)

(ଖ) ସୁଶ୍ରୀ ସବିନା ଭାରୀ ବସ୍ତୁ ଓ ଯନ୍ତ୍ରପାତି ବ୍ୟବସାୟ ଚଳାଉଛନ୍ତି ଏବଂ ସେ ନିଜର ବ୍ୟବସାୟ ବିଭିନ୍ନ ରାଜ୍ୟକୁ ସମ୍ପ୍ରସାରିତ କରିବାକୁ ଚାହାନ୍ତି । ତାଙ୍କୁ ପରିବହନର ସବୁଠାରୁ ଉପଯୁକ୍ତ ମାଧ୍ୟମ ଏବଂ ତାହାର ଉପାଦେୟତା ବିଷୟରେ ବୁଝାଅ ।

(ପାଠ-୫ ଦେଖ)

୨. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର **ଉତ୍ତର**୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଏବିସି କମ୍ପାନୀ ରୋମାନିଆକୁ ଜାହାଜରେ ନିୟମିତ ଦ୍ରବ୍ୟ ଚାଲାଣ କରେ । ରୋମାନିଆରେ ଏକ ପଣ୍ୟାଗାର ରହିଛି, ଯେଉଁଠାରେ ସ୍ଥାନୀୟ ଲୋକଙ୍କୁ ବିକ୍ରି ପାଇଁ ଉଦ୍ଦିଷ୍ଟ ଦ୍ରବ୍ୟ ମହଜୁଦ କରା ଯାଇଥାଏ । କେଉଁ ପ୍ରକାରର ପଣ୍ୟାଗାର ସୀମାଶୁଳ୍କ ପୈଠ ସମ୍ବନ୍ଧିତ ସ୍ପଷ୍ଟ କର । (ପାଠ-୬ ଦେଖ)

(ଖ) ତୁମ ବନ୍ଧୁ ଅନ୍ୟ ଏକ ପ୍ରଦେଶରେ ରହୁଥିବା ତାଙ୍କ ଜେଜେବାପା – ଜେଜେମା'ଙ୍କ ନିକଟକୁ ଅର୍ଥ ପ୍ରେରଣ କରିବାକୁ ଚାହାନ୍ତି । ଅର୍ଥ ପ୍ରେରଣ ନିମନ୍ତେ ତାଙ୍କ ନିକଟରେ କେଉଁସବୁ ଉପାୟ ଉପଲବ୍ଧ ? (ପାଠ-୮ ଦେଖ)

୩. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) 'ଘରୋଇ ଅପରେଟର୍ ମାନେ' ମଧ୍ୟ କୋରିଅର୍ ସେବା ପ୍ରଦାନ କରନ୍ତି । ଯେକୌଣସି ଦୁଇ ଜଣ ଅପରେଟରଙ୍କ ନାମ ଲେଖି ଘରୋଇ ଅପରେଟର୍ ଏବଂ ଡାକଘର କୋରିଅର୍ ସେବା ମଧ୍ୟରେ ଯେକୌଣସି ଦୁଇଟି ପାର୍ଥକ୍ୟ ନିଜ ଭାଷାରେ ବ୍ୟାଖ୍ୟା କର ।

(ପାଠ-୮ ଦେଖ)

(ଖ) ମୂଲ୍ୟ ଶୃଙ୍ଖଳାରେ ବିପିଓ ଉପର ସ୍ତରରେ କେପିଓ ରହିଛି । ଏହି ଉକ୍ତି ସହ ତୁମେ ସହମତ କି ? ଟିପ୍ପଣୀ ଦିଅ ।

(ପାଠ-୧୧ ଦେଖ)

୪. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) 'ସବୁ ବ୍ୟାବସାୟିକ ଉଦ୍ୟୋଗ ଜିନିଷ କ୍ରୟ ଓ ବିକ୍ରୟରେ ନିୟୋଜିତ' । କ୍ରୟ ଓ ବିକ୍ରୟ ଅବଧାରଣାକୁ ଉଦାହରଣ ସହ ନିଜ ଭାଷାରେ ବ୍ୟାଖ୍ୟା କର । (ପାଠ-୧୨ ଦେଖ)

(ଖ) ଶ୍ରୀ ରାକେଶ ନିଜ ଜୀବନରେ ଜଣେ ସଫଳ ବିକ୍ରେତା ହେବାକୁ ଚାହାନ୍ତି । ତାଙ୍କୁ ଏପରି କିଛି ସାଧାରଣ ଗୁଣ ବିଷୟରେ କୁହ ଯାହା ପ୍ରତ୍ୟେକ ବିକ୍ରେତାଙ୍କ ନିକଟରେ ରହିଥାଏ । (ପାଠ-୧୬ ଦେଖ)

୫. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) କୌଶିକ ବାବୁ ଏକ ବଡ଼ ଖୁଚୁରା ବ୍ୟବସାୟ କରିବାକୁ ଚାହାନ୍ତି; ଯେଉଁଠାରେ ଗୋଟିଏ ଛାତତଳେ ବିଭିନ୍ନ ପ୍ରକାରର ବହୁତ ପରିମାଣର ସାମଗ୍ରୀ ବିକ୍ରି କରାଯାଇ ପାରିବ । ଏହି ଧରଣର ଭଣ୍ଡାରର ପ୍ରକାର ଉଦାହରଣ ସହ ବୁଝାଅ । (ପାଠ-୧୪ ଦେଖ)

(ଖ) ତୁମେ ଜାଣିଛ ଯେ ଜିନିଷର ନିଅଂଟିଆ ଯୋଗାଣ ବଜାରରେ ଜିନିଷର ମୂଲ୍ୟ ବୃଦ୍ଧି କରିପାରେ । ଆହୁରି ମଧ୍ୟ ଅଧିକ ମାତ୍ରାରେ ଉତ୍ପାଦନ ଓ ଯୋଗାଣ ସେହି ଜିନିଷର ମୂଲ୍ୟ ହ୍ରାସ କରିଥାଏ । ବଜାରରେ ମୂଲ୍ୟର ଉଚିତ୍ ସ୍ତର କିପରି ବଜାୟ ରଖାଯାଇ ପାରିବ ବିଶ୍ଳେଷଣ କର । (ପାଠ-୬ ଦେଖ)

୬. ନିମ୍ନରେ ଦିଆଯାଇଥିବା ପ୍ରକଳ୍ପ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରକଳ୍ପ ୫୦୦ ଶବ୍ଦ ମଧ୍ୟରେ ପ୍ରସ୍ତୁତ କର । (୬)

(କ) ଶ୍ରୀମତୀ XYZ ଏକ ତେଜରାତି ଦୋକାନ ଚଳାନ୍ତି ଏବଂ ସାମଗ୍ରୀର ବିକ୍ରି ବଢ଼ାଇବାକୁ ଚାହାନ୍ତି । ସାମଗ୍ରୀର ବିକ୍ରି ବୃଦ୍ଧି ପାଇଁ ବିକ୍ରୟ ପ୍ରଚାର ଗୁରୁତ୍ୱପୂର୍ଣ୍ଣ ବୋଲି ତୁମେ ବିଚାର କରୁଛ କି ? ଯଦି ହଁ ବୁଝାଅ ।

(ପାଠ-୧୬ ଦେଖ)

(ଖ) ଯେକୌଣସି ଏକ ଖବରକାଗଜ ପଢ଼ ଏବଂ ଇଂଟରନେଟ୍ ମାଧ୍ୟମରେ ବିକ୍ରି କରାଯାଉଥିବା ଦ୍ରବ୍ୟ ସଂକ୍ରାନ୍ତୀୟ ବିଜ୍ଞାପନ ଓ ଆଲେଖ୍ୟ ଖୋଜ । ଇଂଟରନେଟ୍ ଜରିଆରେ ବିକ୍ରିବଟାର ଲାଭ ଓ କ୍ଷତିଗୁଡିକୁ ଉଲ୍ଲେଖ କର ।

(ପାଠ-୧୬ ଦେଖ)

**ଗୃହ ବିଜ୍ଞାନ (୨୧୬)**

## HOME SCIENCE(216)

**ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୨୨-୨୩)**

## TUTOR MARKED ASSIGNMENT (TMA), 2022-23

**ସର୍ବାଧିକ ନମ୍ବର – ୨୦**

Max. Marks :20

ଟିପ୍ପଣୀ :i. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାର୍ଶ୍ୱରେ ଉଲ୍ଲେଖ କରାଯାଇଛି ।

ii. ଉତ୍ତର ଖାତାର ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ, ପଞ୍ଜିକରଣ ସଂଖ୍ୟା (ଏନରୋଲମେଂଟ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ପଷ୍ଟ ଭାବରେ ଲେଖ ।

୧. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ପ୍ରଚଳିତ ମତବାଦ ହେଉଛି ଯେ " ସ୍ୱାସ୍ଥ୍ୟ ହିଁ ସଂପଦ"। ସୁସ୍ଥ ସ୍ୱାସ୍ଥ୍ୟର ଗୁରୁତ୍ୱ ଯେ କୌଣସି ଦୁଇ ଗୋଟି କାରଣ ସହ ପ୍ରତିପାଦନ କର । (ପାଠ-୭ ଦେଖ)

(ଖ) ତୁମେ ଭାବୁଛ କି ସୁସ୍ଥ ସାମାଜିକ ସ୍ୱାସ୍ଥ୍ୟ ଉ ମ ସ୍ୱାସ୍ଥ୍ୟର ପରିସରଭୁକ୍ତ । ଉ ମ ସାମାଜିକ ସ୍ୱାସ୍ଥ୍ୟର ବିଶେଷ ଗୁଣ ଏବଂ ଲକ୍ଷଣ ଗୁଡିକୁ ଉଲ୍ଲେଖ କର । (ପାଠ- ୭ ଦେଖ)

୨. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ତୁମ୍ଭ ଗୃହକୁ ପୁଙ୍ଖାନୁପୁଙ୍ଖ ଯାଂଚ କରି ତନ୍ମଧ୍ୟରୁ ଦୁଇଗୋଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଚିହ୍ନଟ କର ଯେଉଁ ସ୍ଥାନରେ କି ଦୁର୍ଘଟଣା ଘଟିବାର ସମ୍ଭାବନା ଅଛି । (ପାଠ- ୧୩ ଦେଖ)

(ଖ) ରନ୍ଧନ କରିବା ସମୟରେ ଲୁଗାରେ ନିଆଁ ଲାଗିବାର ସମ୍ଭାବନା ପ୍ରାୟତଃ ଥାଏ । ଏପରି ଦୁଇ ଗୋଟି ସମ୍ଭାବ୍ୟ ପ୍ରଣାଳୀ ବର୍ଣ୍ଣନା କର ଯାହା ଦ୍ୱାରା ଏହି ପ୍ରକାର ଦୁର୍ଘଟଣାକୁ ଏଡାଇ ଦିଆ ଯାଇପାରିବ । (ପାଠ-୧୩ ଦେଖ)

୩. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ରତ୍ନାର ବୟସ ମାତ୍ର ଆଠ ମାସ । ଏହାର ଗୋଟିଏ କାର୍ଯ୍ୟକଳାପ ପରିପକ୍ୱତା ଯୋଗୁ ହୋଇଛି ଏବଂ ଦ୍ୱିତୀୟଟି ଶିକ୍ଷଣ ପ୍ରକ୍ରିୟା ଯୋଗୁ ହୋଇଛି, ସେଗୁଡିକୁ ବର୍ଣ୍ଣନା କର । (ପାଠ- ୧୮ ଦେଖ)

(ଖ) ଦୁଇଗୋଟି ବଂଶଗୁଣଗତ ବିଶେଷତ୍ୱ ତଥା ଦୁଇଗୋଟି ବ୍ୟକ୍ତିବିଶେଷ ଗୁଣ ଯାହାକି ତୁମେ ପରିବେଶରୁ ଶିକ୍ଷା ଲାଭ କରିଛ, ତା'ର ବିବରଣୀ ପ୍ରଦାନ କର । (ପାଠ- ୧୮ ଦେଖ)

୪.ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ତନ୍ତୁକୁ ଦେଖି କରି ଏବଂ ସ୍ପର୍ଶ କରି ଚିହ୍ନଟ କରି ହେବ । ଏକ ତାଲିକା ପ୍ରସ୍ତୁତ କରି ନିମ୍ନଲିଖିତ ତନ୍ତୁ ଗୁଡିକର ରୂପରେଖ, ସ୍ପର୍ଶତା ଏବଂ ଯତ୍ନ ନେବା ପ୍ରଣାଳୀ ବର୍ଣ୍ଣନା କର । (ପାଠ-୧୦ ଦେଖ)

. କାର୍ପାସ
.ପଶମ
. ରେଶମ
. ନାଇଲନ୍

(ଖ) ବୁଣିବା କହିଲେ ତୁମେ କ'ଣ ବୁଝ ଏବଂ ଏହାର ଦୁଇଗୋଟି ବିଶେଷତ୍ୱ ଲେଖ । କପଡା ବୁଣିବା ପ୍ରଣାଳୀ ଉଲ୍ (**WOOL**) ବୁଣିବା ଠାରୁ କିପରି ଭିନ୍ନ, ସ୍ପଷ୍ଟ ଭାବେ ଲେଖ । (ପାଠ ୧୦ ଦେଖ)

୫. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ମାନବୀୟ ସାଧନ ଅଣ - ମାନବୀୟ ସାଧନଠାରୁ କିପରି ପୃଥକ୍ ବର୍ଣ୍ଣନା କର । ଆପଣଙ୍କ ନିକଟରେ ଥିବା ଦୁଇ ଗୋଟି ମାନବୀୟ ସାଧନ ଏବଂ ଦୁଇ ଗୋଟି ଅଣ - ମାନବୀୟ ସାଧନର ଏକ ତାଲିକା ପ୍ରସ୍ତୁତ କର । ସାଧନ ଗୁଡିକ କିପରି କୁଶଳତାର ସହିତ ବ୍ୟବହାର କରି ହେବ ଏହି ସମ୍ବନ୍ଧରେ ତୁମର ସାଙ୍ଗକୁ ଦୁଇ ଗୋଟି ଟିପ୍ପଣୀ ପ୍ରଦାନ କର ।

(ପାଠ- ୧୪ ଦେଖ)

(ଖ) ପରିବାର ସଦସ୍ୟ ମାନଙ୍କ ସହ ଏକ ପାର୍ବତ୍ୟସ୍ଥଳୀକୁ ଭ୍ରମଣରେ ଯିବା ନିମନ୍ତେ ତୁମେ ଯୋଜନା କର । ପରିଚାଳନା ସୋପାନର ଚାରିଟି ପ୍ରଣାଳୀ ଅବଲମ୍ବନ କରି ତୁମେ କିପରି କାର୍ଯ୍ୟସୂଚୀ ତିଆରି କରିବ ବର୍ଣ୍ଣନା କର । (ପାଠ-୧୪ ଦେଖ)

୬. ନିମ୍ନରେ ଦିଆଯାଇଥିବା ପଶ୍ନ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ବିସ୍ତୃତ ଭାବେ ବର୍ଣ୍ଣନା କର । (୬)

(କ) (i) ଖାଦ୍ୟର ଯେ କୌଣସି ଦୁଇଟି କାର୍ଯ୍ୟ ବର୍ଣ୍ଣନା କର ଯାହାକି ଜୀବନ ନିମନ୍ତେ ମହତ୍ୱପୂର୍ଣ୍ଣ ତଥା ଏହା ସହିତ ଦୁଇଟି ବୃହତ୍ ପୋଷକତତ୍ୱ ସମ୍ବଳିତ ଖାଦ୍ୟର ବିଶେଷତ୍ୱ ଲେଖ ଯାହାକି ଶରୀର ନିମନ୍ତେ ଆବଶ୍ୟକ ଅଟେ ।

(ii) ପଂଚ ଗୋଟି ଖାଦ୍ୟ ସମୂହ ପ୍ରୟୋଗ କରି ଗୋଟିଏ ଦିନ ପାଇଁ ଏକ ଖାଦ୍ୟ ତାଲିକା ନିଜ ନିମନ୍ତେ ତିଆରି କର ।

(ପାଠ-୨ ଏବଂ ୩ ଦେଖ)

(ଖ) ୦ ଠାରୁ ୫ବର୍ଷ ବୟସର ଶିଶୁମାନଙ୍କୁ ନିରୀକ୍ଷଣ କର ।

i. ଶିଶୁ ମାନଙ୍କର ଶାରିରୀକ ବିକାଶ ନିମନ୍ତେ ଆବଶ୍ୟକ ଚାରି ଗୋଟି ବିଶେଷ ଗୁରୁତ୍ୱପୂର୍ଣ୍ଣ ମୌଳିକ ଉପ୍ାଦକ ଗୁଡିକର ପ୍ରଭାବ ସମ୍ପର୍କରେ ବିସ୍ତୃତ ଭାବେ ବର୍ଣ୍ଣନା କର ।

ii. ତୁମ ମତ ଅନୁଯାୟୀ ବ୍ୟକ୍ତିଗତ ଭିନ୍ନତା ନିମନ୍ତେ କୌଣସି ବିଶେଷ ଗୁରୁତ୍ୱପୂର୍ଣ୍ଣ ଅନୁକରଣ ଅଥବା ପରିବେଶ ସମ୍ପର୍କରେ ଉଦାହରଣ ସହ ବୁଝାଅ ।

(ପାଠ – ୧୮ ଦେଖ)

## ମନୋ ବିଜ୍ଞାନ (୨୨୨)

## PSYCHOLOGY(222)

### ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୨୨-୨୩)

### TUTOR MARKED ASSIGNMENT (TMA), 2022-23

**ସର୍ବାଧିକ ନମ୍ବର – ୨୦**

Max. Marks :20

ଟିପ୍ପଣୀ :i. ପ୍ରତ୍ୟେକ ପ୍ରଶ୍ନର **ଉତ୍ତର**ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାର୍ଶ୍ୱରେ ଉଲ୍ଲେଖ କରାଯାଇଛି ।

ii. ଉତ୍ତର ଖାତାର ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ, ପଞ୍ଜିକରଣ ସଂଖ୍ୟା (ଏନରୋଲମେଂଟ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ପଷ୍ଟ ଭାବରେ ଲେଖ ।

୧. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ବିଭିନ୍ନ ପ୍ରକାର ଉପାଦାନ ବିକାଶକୁ ପ୍ରଭାବିତ କରିଥାଏ । ବ୍ୟକ୍ତିର ସମୂହ ବିକାଶରେ ପ୍ରଭାବ ପକାଉଥିବା ଅତି କମ୍‌ରେ ଦୁଇଟି ଉପାଦାନ ବିଷୟରେ ବର୍ଣ୍ଣନା କର ।

(ପାଠ- ୯ ଦେଖ)

(ଖ) ସମାଜର ପ୍ରତି କ୍ଷେତ୍ରରେ ଦାରିଦ୍ର୍ୟତା ହେଉଛି ଏକ ବଡ ସମସ୍ୟା ଯାହାର ଫଳାଫଳ ଅତ୍ୟନ୍ତ ଭୟଙ୍କର । ସମାଜରେ ଥିବା ବିଭିନ୍ନ ଦାରିଦ୍ର୍ୟତା ବିଷୟରେ ଆଲୋକପାତ କର ।

(ପାଠ-୧୬ ଦେଖ)

୨. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଜୀବନରେ ଏମିତି କୌଣସି କ୍ଷେତ୍ର ନାହିଁ ଯେଉଁଠାରେ ଯୋଗର ଉପାଦେୟତା ନାହିଁ । ଜୀବନର ବିଭିନ୍ନ କ୍ଷେତ୍ରରେ ଯୋଗର ପ୍ରୟୋଗକୁ ଚିହ୍ନଟ କର । (ପାଠ – ୨୫ ଦେଖ)

(ଖ) ତଳଲିଖିତ କୋଠରୀ ମଧ୍ୟରେ ଥିବା ଅନୁଷ୍ଠାନ ଗୁଡିକ ମଧ୍ୟରୁ କେଉଁ ଅନୁଷ୍ଠାନ କି ପ୍ରକାର ତାଲିମ୍ ଆପଣଙ୍କ ଅଂଚଳରେ ଦେଉଛନ୍ତି ତାହା ରାଜ୍ୟସ୍ତର / ଆଂଚଳିକ ସ୍ତର / ଜାତୀୟ ସ୍ତରରେ ଚିହ୍ନଟ କରନ୍ତୁ ।

| କ୍ର.ନଂ | ସଂସ୍ଥାନର ପ୍ରକାର | ସ୍ଥାନୀୟ | ରାଜ୍ୟ | ଜାତୀୟ |
|---|---|---|---|---|
| ୧. | ବହୁଶିଳ୍ପ ବିଶିଷ୍ଟ ତାଲିମ୍ କେନ୍ଦ୍ର | | | |
| ୨. | ପତ୍ର ବିନିମୟ ପ୍ରଶିକ୍ଷଣ କେନ୍ଦ୍ର | | | |
| ୩. | କର୍ମ ନିଯୁକ୍ତି ଭି ିକ ପ୍ରଶିକ୍ଷଣ କେନ୍ଦ୍ର | | | |

| | | | | |
|---|---|---|---|---|
| ୪. | ହସ୍ତଶିଳ୍ପ ପ୍ରଶିକ୍ଷଣ କେନ୍ଦ୍ର | | | |
| ୫. | ବାଣିଜ୍ୟ ବିକାଶ ପ୍ରଶିକ୍ଷଣ କେନ୍ଦ୍ର | | | |
| ୬. | ସ୍ୱତନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ର | | | |

(ପାଠ –୨୧ ଦେଖ )

୩. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଯୋଗର ବାହ୍ୟ ଓ ଅନ୍ତ କରଣକୁ ପତଞ୍ଜଳି ଯୋଗସୂତ୍ରରେ ଆଠ(୮) ଭାଗରେ ବିଭକ୍ତ କରା ଯାଇଅଛି । ଯୋଗର ବାହ୍ୟ ଓ ଅନ୍ତ କରଣ ଗୁଡିକୁ ଚିହ୍ନଟ କର ।

(ପାଠ- ୨୫ ଦେଖ)

(ଖ) ଆବେଗ ଏକ ଅବିରତ ପ୍ରବାହ । ଜୀବନରେ ଯୁକ୍ତାତ୍ମକ ଏବଂ ବିଯୁକ୍ତାତ୍ମକ ଆବେଗ ଆସିଥାଏ । କିନ୍ତୁ ଆମେ ଅଧିକରୁ ଅଧିକ ଯୁକ୍ତାତ୍ମକ ଆବେଗକୁ ଇଛା କରିଥାଉ । ଆମେ କାହିଁକି ଯୁକ୍ତାତ୍ମକ ଆବେଗକୁ ଇଛା କରିଥାଉ ଯୁକ୍ତିଯୁକ୍ତ ଉଦାହରଣ ସହ ନିଜର ମତାମତ ପ୍ରଦାନ କର ।

(ପାଠ- ୧୭ ଦେଖ)

୪.ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ଯେହେତୁ ଆମେ ମଣିଷ ଆମ ଚତୁପାର୍ଶ୍ୱରେ ଘଟୁଥିବା ଘଟଣାର କାରଣ ଜାଣିବାକୁ ମନରେ ଉଦ୍‌ବେଗ ଆସିଥାଏ । ସାଧାରଣ ବ୍ୟକ୍ତିର ବ୍ୟବହାରିକ ବୁଝାବଣା କିପରି ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣକୁ ଭିନ୍ନ ତାହା ଦୈନନ୍ଦିନ ଜୀବନର ଉଦାହରଣ ସହ ବର୍ଣ୍ଣନା କର । (ପାଠ- ୭ ଦେଖ)

(ଖ) ସୃଜନଶୀଳତା ଉଦ୍ଭାବନ ଓ ଆବିଷ୍କାରର ଜନନୀ । ଆର୍କମେଡିସ୍‌ଙ୍କ ସୂତ୍ର ଆଧାରିତ ଗଳ୍ପକୁ ଅନୁଧ୍ୟାନ କରି ଆବିଷ୍କାରର ସୃଜନଶୀଳତାର ସୋପାନଗୁଡିକୁ ଚିହ୍ନଟ କର । (ପାଠ- ୭ ଦେଖ)

୫. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ଯେଉଁସବୁ ଗୋଷ୍ଠୀ ଗୁଡିକରେ ତୁମେ ଅଂଶୀଦାର ତାହାର ଏକ ତାଲିକା ପ୍ରସ୍ତୁତ କର । ସେହି ଗୋଷ୍ଠୀଗୁଡିକ କିପରି ପରସ୍ପର ଠାରୁ ଅଲଗା ଜଣେ ସଭ୍ୟ ହିସାବରେ ତୁମର ଅନୁଦାନ କିପରି ପ୍ରତି ଗୋଷ୍ଠୀ ପାଇଁ ଭିନ୍ନ ତାହା ବର୍ଣ୍ଣନା କର ।

(ପାଠ- ୬ ଦେଖ)

(ଖ) ସମଗ୍ର ଶରୀରରେ ଶରୀର ଏବଂ ମନ ଆମର ଦୁଇଟି ବିଭାଗ । ଯଦି ଶରୀର ସୁସ୍ଥ ରହେ ମନ ସକ୍ରିୟ, ସତେଜ ଏବଂ ଉତ୍ସାହପୂର୍ଣ୍ଣ । ଅପର ପକ୍ଷରେ ମନ ସୁସ୍ଥ ରହିଲେ ଶରୀର ମନ ପରି ରହିଥାଏ । ଶରୀର-ମନର ପ୍ରକୃତ ସଂପର୍କକୁ ନେଇ ନିଜର ଟିପ୍‌ଣୀ ଦିଅ ଏବଂ ସୁସ୍ଥ ଶରୀରରେ ସୁସ୍ଥ ମନର ସଂପର୍କ ସୃଷ୍ଟି କରିବା ପାଇଁ ତିନୋଟି ଉପାୟ ବିଷୟରେ ନିଜର ମତାମତ ଉପସ୍ଥାପନା କର । (ପାଠ- ୨୪ ଦେଖ)

୬. ନିମ୍ନରେ ଦିଆଯାଇଥିବା ପ୍ରକଳ୍ପ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରକଳ୍ପ ପ୍ରସ୍ତୁତ କର । (୬)

(କ) ୫୬ ପୃଷ୍ଠାରେ ଥିବା ସୂକ୍ଷ୍ମସୀମା (ଡିଜିଟ୍ ସ୍ପାନ୍) ପରୀକ୍ଷଣ କାର୍ଯ୍ୟ ଦିଆଯାଇଛି । ସର୍ବନିମ୍ନ ସାତ ଜଣଙ୍କ ମଧ୍ୟରେ ଏହି ପରୀକ୍ଷଣ କରି ସେହି ତଥ୍ୟକୁ ଲିପିବଦ୍ଧ କରନ୍ତୁ । ୭±୨ ଏହି ନମ୍ବର ସହିତ ପରୀକ୍ଷଣ ଫଳାଫଳର ତଥ୍ୟ ଅନୁଯାୟୀ ସଂଗୃହୀତ ତଥ୍ୟ ଉପରେ ଅନୁଶୀଳନ କରି ଟିପ୍ପଣୀ ଲେଖ । (ପାଠ- ୬ ଦେଖ)

(ଖ) ତୁମ ବାସଗୃହଠାରେ ଗୋଟିଏ ଯୋଗ ଶିବିରର ଆୟୋଜନ କରାଯାଇଛି । "ଅତିନ୍ଦ୍ରିୟ ଯୋଗାଭ୍ୟାସ" ଉପରେ ସଚେତନତା ସୃଷ୍ଟି କରିବାକୁ ଜଣେ ବକ୍ତା ଭାବରେ ତୁମେ ନିମନ୍ତ୍ରିତ ହୋଇଅଛ । ତୁମେ ସେହି ବିଷୟ ଉପରେ ଏକ ଭାଷଣ ପ୍ରସ୍ତୁତ କର, ଯାହା କି ସବୁ ସ୍ତରର ଲୋକଙ୍କ ପାଇଁ ବୋଧଗମ୍ୟ ତଥା ଜ୍ଞାନଗର୍ଭକ ହେବା ସହିତ ସୂଚନାତ୍ମକ ହୋଇପାରିବ ।

(ପାଠ- ୨୭ ଦେଖ)

**ଭାରତୀୟ ସଂସ୍କୃତି ଓ ଐତିହ୍ୟ (୨୨୩)**

## INDIAN CULTURE & HERITAGE (୨୨୩)

**ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୨୨-୨୩)**

## TUTOR MARKED ASSIGNMENT (TMA), 2022-23

**ସର୍ବାଧିକ ନମ୍ବର – ୨୦**

Max. Marks :**20**

ଟିପ୍ପଣୀ :i. ପ୍ରତ୍ୟେକ ପ୍ରଶ୍ନର **ଉତ୍ତର**ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାର୍ଶ୍ୱରେ ଉଲ୍ଲେଖ କରାଯାଇଛି ।

ii. **ଉତ୍ତର**ଖାତାର ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ, ପଞ୍ଜିକରଣ ସଂଖ୍ୟା (ଏନରୋଲମେଂଟ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ପଷ୍ଟ ଭାବରେ ଲେଖ ।

୧. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର **ଉତ୍ତର**୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) 'ସାଂସ୍କୃତିକ ପରିଚୟ' ବିଷୟ ଉପରେ ଏକ ସଂକ୍ଷିପ୍ତ ଟିପ୍ପଣୀ ଲେଖ । (ପାଠ-୨ ଦେଖ)

(ଖ) ପ୍ରାଚୀନ କାଳରେ ନାଳନ୍ଦା ବିଶ୍ୱବିଦ୍ୟାଳୟ କିପରି ଏକ ମହାନ ଜ୍ଞାନ କେନ୍ଦ୍ର ରୂପେ ପ୍ରତିଷ୍ଠିତ ହୋଇ ପାରିଥିଲା ? (ପାଠ-୨ ଦେଖ)

୨. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର **ଉତ୍ତର**୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଶ୍ରୁତି ଓ ସ୍ମୃତି ମଧ୍ୟରେ ପାର୍ଥକ୍ୟ ଉଲ୍ଲେଖ କର । (ପାଠ-୮ ଦେଖ)

(ଖ) ମଧ୍ୟଯୁଗୀୟ ଭକ୍ତି ଆନ୍ଦୋଳନ ଉପରେ ଏକ ସଂକ୍ଷିପ୍ତ ଟିପ୍ପଣୀ ଲେଖ । (ପାଠ-୯ ଦେଖ)

୩. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର **ଉତ୍ତର**୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଦିଲ୍ଲୀର ସୁଲତାନଙ୍କ ସମୟରେ ନିର୍ମାଣ ହୋଇଥିବା କୀର୍ତ୍ତିରାଜି ଉପରେ ବ୍ୟାଖ୍ୟା କର । (ପାଠ-୧୩ ଦେଖ)

(ଖ) ପ୍ରାଚୀନ ଭାରତରେ ଗଣିତ କ୍ଷେତ୍ରରେ ହୋଇଥିବା ତିନୋଟି ପ୍ରମୁଖ ଯୋଗଦାନ ସମ୍ପର୍କରେ ଉଲ୍ଲେଖ କର ।

(ପାଠ-୧୪ ଦେଖ)

୪. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର **ଉତ୍ତର**୧୦୦ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ଜ୍ୟୋର୍ତିବିଜ୍ଞାନ କ୍ଷେତ୍ରରେ ଆର୍ଯ୍ୟଭଟ୍ଟଙ୍କ ଅବଦାନର ଆଲୋଚନା କର । (ପାଠ-୧୫ ଦେଖ)

(ଖ) ମଧ୍ୟଯୁଗୀୟ ଭାରତରେ ଭକ୍ତି ଆନ୍ଦୋଳନ ଉପରେ ଆଲୋଚନା କର । (ପାଠ-୯ ଦେଖ)

୫. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର **ଉତ୍ତର** ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ସାମ୍ପ୍ରତିକ ଭାରତୀୟ ସମାଜରେ 'ମହିଳା ମାନଙ୍କ ମଧ୍ୟରେ ସମାନତା' ର ପରୀକ୍ଷା କର । (ପାଠ-୨୦ ଦେଖ)

(ଖ) ସହାବସ୍ଥାନ ଧାରଣା ଦେଶର ଭୌଗୋଳିକ ଓ ରାଜନୈତିକ ସୀମା ମଧ୍ୟରେ ସୀମିତ ନାହିଁ । ଆଲୋଚନା କର । (ପାଠ-୨ ଦେଖ)

୬. ନିମ୍ନରେ ଦିଆଯାଇଥିବା ପ୍ରକଳ୍ପ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରକଳ୍ପ ପ୍ରସ୍ତୁତ କର । (୬)

(କ) ନିଜ ଅଂଚଳରେ କାମ କରୁଥିବା ତିନୋଟି ଅଲଗା ଅଲଗା ସଂଗଠନ ମାନଙ୍କର ଏକ ସୂଚୀ ପ୍ରସ୍ତୁତ କର । ପ୍ରତ୍ୟେକ ସଂଗଠନର ମୁଖ୍ୟ ଉଦ୍ଦେଶ୍ୟ ଆଉ କାର୍ଯ୍ୟର ଖବର ନେଇ ନିମ୍ନଲିଖିତ ତାଲିକା ପ୍ରସ୍ତୁତ କର । ତୁମେ କେଉଁ ସଂଗଠନରେ ସାମିଲ ହେବ ଏବଂ କାହିଁକି ?

| କ୍ର.ସଂଖ୍ୟା | ସଂଗଠନର ନାମ | ମୁଖ୍ୟ ଉଦ୍ଦେଶ୍ୟ | କାର୍ଯ୍ୟ |
|---|---|---|---|
| | | | |

(ଖ) ତଳେ ଦିଆଯାଇଥିବା ତାଲିକା ଅନୁସାରେ ବୈଦିକ ଏବଂ ପରବ ୀ ବୈଦିକ ସାହିତ୍ୟ ଉପରେ ଏକ ବିସ୍ତାରିତ ଲିଖିତ ବିବରଣୀ ପ୍ରସ୍ତୁତ କର । (ପାଠ- ୬ ଦେଖ)

| କ୍ର.ସଂଖ୍ୟା | ଗ୍ରନ୍ଥର ନାମ | ସମୟ | ନିରୂପିତ ବିଷୟ |
|---|---|---|---|
| | | | |

**ହିସାବରକ୍ଷଣ ଶାସ୍ତ୍ର(୨୨୪)**

# ACCOUNTANCY (224)

**ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୨୨-୨୩)**

## TUTOR MARKED ASSIGNMENT (TMA), 2022-23

**ସର୍ବାଧିକ ନମ୍ବର – ୨୦**

Max. Marks :20

ଟିପ୍ପଣୀ :i. ପ୍ରତ୍ୟେକ ପ୍ରଶ୍ନର **ଉତ୍ତର**ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାର୍ଶ୍ୱରେ ଉଲ୍ଲେଖ କରାଯାଇଛି ।

ii. **ଉତ୍ତର**ଖାତାର ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ, ପଞ୍ଜିକରଣ ସଂଖ୍ୟା (ଏନରୋଲମେଂଟ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ୱଷ୍ଟ ଭାବରେ ଲେଖ ।

୧. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର **ଉତ୍ତର**୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ବ୍ୟାବସାୟିକ ଓ ଅଣବ୍ୟାବସାୟିକ ଦେଣନେଣର ଦୁଇଟି ଉଦାହରଣ ଦିଅ । (ପାଠ-୧ ଦେଖ)

(ଖ) କେଉଁ ଉଦ୍ଦେଶ୍ୟରେ ପୁଞ୍ଜିଗତ ସଂଚୟକୁ ବିନିଯୋଗ କରାଯାଇ ପାରିବ ଲେଖ । (ପାଠ-୧୩ ଦେଖ)

୨. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର **ଉତ୍ତର**୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) କାଳ୍ପନିକ ବିବରଣୀ ସହ ଗୋଟିଏ ମାସର ବିକ୍ରୟ ଜାବେଦା ପ୍ରସ୍ତୁତ କର । (ପାଠ-୯ ଦେଖ)

(ଖ) ପ୍ରାବଧାନ ରଖାଯିବାର ଉଦ୍ଦେଶ୍ୟ ଉଲ୍ଲେଖ କର । (ପାଠ-୧୩ ଦେଖ)

୩. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର **ଉତ୍ତର**୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ତୁମ ବନ୍ଧୁଙ୍କ ସହ ଆଲୋଚନା କରି ଗତ ମାସର ସଂଚୟର ଏକ ତାଲିକା ପ୍ରସ୍ତୁତ କର । ସେସବୁକୁ ଉଚିତ୍ କାରଣ ସହ ପ୍ରାବଧାନ ଓ ସଂଚୟରେ ବିଭାଜନ କର । (ପାଠ-୧୩ ଦେଖ)

(ଖ)"ପରିସମ୍ପତି ଆକାରରେ ବ୍ୟବସାୟ ନିକଟରେ ଯାହା କିଛି ରହିଛି, ତାହା ମାଲିକ ବା ବାହାର ଲୋକଙ୍କ ଦ୍ୱାରା ଆର୍ଥିକ ସହାୟତା ପ୍ରାପ୍ତ ହୋଇଥାଏ" । ଚାରିଟି ଉପଯୁକ୍ତ ଉଦାହରଣ ସହ ଏହି ଉକ୍ତିର ଯଥାର୍ଥତା ପ୍ରତିପାଦନ କର ।

(ପାଠ-୧୦ ଦେଖ)

୪. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର **ଉତ୍ତର**୧୦୦ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ)   ନିଜକୁ ଏକ ତେଜରାତି ଦୋକାନର ମାଲିକ ବିବେଚନା କରି ଗୋଟିଏ ସପ୍ତାହରେ କ୍ରୟବିକ୍ରୟ କରାଯାଇଥିବା ସାମଗ୍ରୀର ଏକ ତାଲିକା ପ୍ରସ୍ତୁତ କର । ସେହିସବୁ କାରବାରକୁ ଉପଯୁକ୍ତ ହିସାବ ବହିରେ ଲିପିବଦ୍ଧ କର ।

(ପାଠ-୯ ଦେଖ)

(ଖ) ଭିନ୍ନ ଭିନ୍ନ ସଂସ୍ଥାର ଦୁଇ ଜଣ କର୍ମଚାରୀଙ୍କ ସହ ଆଲୋଚନା କର । ହିସାବରକ୍ଷଣ ଶାସ୍ତ୍ର ସେମାନଙ୍କ ପାଇଁ କିପରି ଭାବରେ ଉପଯୋଗୀ ବୁଝାଅ ।   (ପାଠ-୧ ଦେଖ)

୫. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର **ଉତ୍ତର**୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ)   ନିମ୍ନଲିଖିତ ତଥ୍ୟ ଆଧାରରେ ହିସାବରକ୍ଷଣ ସମୀକରଣ ପ୍ରସ୍ତୁତ କର:

(i) ଶିବାନୀ ନଗଦ ୧୬,୦୦,୦୦୦ ଟଙ୍କାରେ ଏକ ବ୍ୟବସାୟ ଆରମ୍ଭ କଲେ ।

(ii) ସେ ନଗଦ ୧,୬୦,୦୦୦ ଟଙ୍କାରେ ଆସବାବପତ୍ର କ୍ରୟ କଲେ ।

(iii)   ଘରଭଡ଼ା ବାବଦକୁ ସେ ୨୫,୦୦୦ ଟଙ୍କା ପୈଠ କଲେ ।

(iv)   ସେ ୨,୪୦,୦୦୦ ଟଙ୍କାର ମାଲ୍ ବାକିରେ କିଣିଲେ ।

(v)   ସେ ୧,୬୦,୦୦୦ ଟଙ୍କା ମୂଲ୍ୟର ମାଲ୍‌କୁ ନଗଦ ୪,୦୦,୦୦୦ ଟଙ୍କାରେ ବିକ୍ରୟ କଲେ ।

(ପାଠ-୪ ଦେଖ)

(ଖ) ମି. ରବର୍ଟ ୦୧/୦୧/୨୦୧୧ ରେ ୧,୦୦,୦୦୦ ଟଙ୍କାର ନଗଦ ପୁଞ୍ଜି ବିନିଯୋଗ କରି ଏକ ବ୍ୟବସାୟ ଆରମ୍ଭ କଲେ । ସେହି ଦିନ ସେ ABCରେ ଏକ ବ୍ୟାଙ୍କ ଖାତା ଖୋଲିଲେ ଏବଂ ୨୦,୦୦୦ ଟଙ୍କା ଜମା କଲେ । ୨୦୧୧ ଜାନୁଆରୀ ମାସରେ ନିମ୍ନଲିଖିତ କାରବାର ହୋଇଥିଲା:

| | |
|---|---|
| ଜାନୁଆରୀ ୧ | ନଗଦ ୭୦,୦୦୦ ଟଙ୍କାର ମାଲ୍ କ୍ରୟ । |
| ଜାନୁଆରୀ ୨ | ଷ୍ଟିଭ୍ କମ୍ପାନୀକୁ ୩୮,୦୦୦ ଟଙ୍କାର ମାଲ୍ ଉଧାରି ବିକ୍ରି |
| ଜାନୁଆରୀ ୧୫ | ୯,୦୦୦ଟଙ୍କାର ମାଲ୍ ନଗଦ ବିକ୍ରି |
| ଜାନୁଆରୀ ୨୧ | ଷ୍ଟିଭ୍ କମ୍ପାନୀ ଦ୍ୱାରା ୩୫,୦୦୦ ଟଙ୍କାର ଚେକ୍ ପୈଠ |
| ଜାନୁଆରୀ ୨୨ | ଲିଖନ ସାମଗ୍ରୀ ବାବଦକୁ ୨,୦୦୦ ଟଙ୍କାର ବିଲ୍ ଚେକ୍ ଦ୍ୱାରା ପ୍ରଦାନ |
| ଜାନୁଆରୀ ୨୨ | ଟେଲିଫୋନ୍ ବିଲ୍ ବାବଦକୁ ନଗଦ ୫୦୦ ଟଙ୍କା ପ୍ରଦାନ |
| ଜାନୁଆରୀ ୩୧ | ଘରଭଡ଼ା ବାବଦକୁ ନଗଦ ୩୦୦୦ ଟଙ୍କା ପ୍ରଦାନ |
| | ବେତନ ବାବଦକୁ ନଗଦ ୩,୦୦୦ ଟଙ୍କା ପ୍ରଦାନ |

ବ୍ୟକ୍ତିଗତ ବ୍ୟବହାର ନିମନ୍ତେ ୫୦୦୦ ଟଙ୍କାର ମାଲ୍ ଉଠାଣ ଜାବେଦା ପ୍ରବିଷ୍ଟି ସହ ସେଗୁଡ଼ିକୁ ଖତିଆନରେ ସ୍ଥାନିତ କର ।

(ପାଠ-୧୦ ଦେଖ)

୬. ନିମ୍ନରେ ଦିଆ ଯାଇଥିବା ପ୍ରକଳ୍ପ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରକଳ୍ପ ପ୍ରସ୍ତୁତ କର ।   (୬)

(କ)   ରୋକଡ଼ ବହି ୭,୮୦୦ ଟଙ୍କାର ବଳକା ଦର୍ଶାଉଛି । ରୋକଡ଼ ବହିକୁ ବ୍ୟାଙ୍କ୍ ପାସ୍ ବହି ସହ ତୁଳନା କରିବା ପରେ ନିମ୍ନଲିଖିତ ଅସଂଗତି ପରିଲକ୍ଷିତ ହେଲା ।

- ୩,୦୦୦ ଟଙ୍କାର ଚେକ୍ ବ୍ୟାଙ୍କରେ ଜମା ହୋଇଛି, ମାତ୍ର ଦେୟ (କ୍ରେଡିଟ୍) ହୋଇନାହିଁ

- ୧,୫୦୦ ଟଙ୍କାର ଚେକ୍ ଜାରି କରାଯାଇଛି, ମାତ୍ର ବ୍ୟାଙ୍କ୍‌ରେ ଦାଖଲ ହୋଇ ନାହିଁ
- ବୀମା କିସ୍ତି ବାବଦକୁ ୨୦୦୦ ଟଙ୍କା ବ୍ୟାଙ୍କ୍ ଦ୍ୱାରା ପ୍ରଦ
- ସୁଧ ବାବଦକୁ ୪୦୦ ଟଙ୍କା ବ୍ୟାଙ୍କ୍ ଦ୍ୱାରା ଦିଆ ଯାଇଛି
- ବ୍ୟାଙ୍କ୍ ଶୁଳ୍କ ୧୦୦ ଟଙ୍କା
- ଗ୍ରାହକଙ୍କ ଦ୍ୱାରା ପ୍ରତ୍ୟକ୍ଷ ଜମା ୪,୦୦୦ ଟଙ୍କା (ପାଠ-୮ ଦେଖ)

(ଖ) ତୁମ ବନ୍ଧୁଙ୍କ ସହ ଆଲୋଚନା କର ଏବଂ ଏକ ଟାଲୀ ସଫ୍ଟୱେୟର ଖୋଲିବାର ସୋପାନ ଓ ଆବଶ୍ୟକ ହାର୍ଡ୍‌ୱେୟର ବିଷୟରେ ଲେଖ । ଟାଲୀ ଇଆର୍‌ପି ୯.୦ରେ ଏକ କମ୍ପାନୀ ଗଠନ କର ଏବଂ ଗଠିତ କମ୍ପାନୀର ସ୍କ୍ରିନ୍‌ସଟ୍‌ର ପ୍ରିଂଟ୍ ଆଉଟ୍ ସଂଲଗ୍ନ କର ।

(ପାଠ-୧୭ ଦେଖ)

ଅଥବା

କେଉଁ ଉଦ୍ଦେଶ୍ୟରେ ପ୍ରାବଧାନ ସୃଷ୍ଟି କରା ଯାଇଥାଏ ଉଲ୍ଲେଖ କର । (ପାଠ-୧୩ ଦେଖ)

**ଚିତ୍ରକଳା (୨୨୫)**

# Painting (225)

## ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୨୨-୨୩)

## TUTOR MARKED ASSIGNMENT (TMA), 2022-23

**ସର୍ବାଧିକ ନମ୍ବର - ୨୦**

ଟିପ୍ପଣୀ : i. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାର୍ଶ୍ୱରେ ଉଲ୍ଲେଖ କରାଯାଇଛି ।

ii. **ଉତ୍ତର**ଖାତାରେ ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ, ପଞ୍ଜିକରଣ ସଂଖ୍ୟା (ଏନରୋଲମେଂଟ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ୱଷ୍ଟ ଭାବରେ ଲେଖ ।

୧.ନିମ୍ନରେ ଦିଆ ଯାଇଥିବା ପ୍ରଶ୍ନ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର **ଉତ୍ତର**ପ୍ରାୟ ୪୦ – ୬୦ ଶବ୍ଦ ମଧ୍ୟରେ ଦିଅ । (୨)

(କ) କଳାତ୍ମକ ଆନ୍ଦୋଳନ ପ୍ରଭାବବାଦ କାହାର ପ୍ରତୀକ ଅଟେ ? ଏହି ଆନ୍ଦୋଳନ ସମ୍ପର୍କରେ ସଂକ୍ଷେପରେ ଲେଖ । (ପାଠ – ୬ ଦେଖ)

(ଖ) ପ୍ରଭାବବାଦୀ ମାନଙ୍କ ଦ୍ୱାରା କରା ଯାଇଥିବା ନୃତ୍ୟ ଶ୍ରେଣୀରେ ଚିତ୍ରକଳାର ବିଭିନ୍ନ ଶୈଳୀଗତ ଦୃଷ୍ଟିକୋଣ ମଧ୍ୟରେ ପାର୍ଥକ୍ୟ ଲେଖ । (ପାଠ – ୬ ଦେଖ)

୨. ନିମ୍ନରେ ଦିଆ ଯାଇଥିବା ପ୍ରଶ୍ନ ମଧ୍ୟରୁ ଯେକୌଣସି ଗୋଟିଏର ଉତ୍ତର ପ୍ରାୟ ୪୦ – ୬୦ ଶବ୍ଦ ମଧ୍ୟରେ ଦିଅ । (୨)

(କ) ଓଡିଶାର ସର୍ବଶ୍ରେଷ୍ଠ ବାସ୍ତୁକଳା ମଧ୍ୟରୁ ଯେକୌଣସି ଗୋଟିଏ ବାସ୍ତୁକଳା ସମ୍ପର୍କରେ ଲେଖ । (ପାଠ – ୬ ଦେଖ)

(ଖ) କଳ୍ପସୂତ୍ର ଚିତ୍ରକଳାକୁ ଚୟନ କରିବା ନିମନ୍ତେ କଳାକାରମାନେ କେଉଁ ବିଷୟଗୁଡିକୁ ଚୟନ କରିଛନ୍ତି ?(ପାଠ – ୩ ଦେଖ)

୩. ନିମ୍ନରେ ଦିଆ ଯାଇଥିବା ପ୍ରଶ୍ନ ମଧ୍ୟରୁ ଯେକୌଣସି ଗୋଟିଏର ଉତ୍ତର ପ୍ରାୟ ୪୦ – ୬୦ ଶବ୍ଦ ମଧ୍ୟରେ ଦିଅ । (୨)

(କ) "ସେ ଅନ୍ତହୀନ ରୂପରେ ଅଦ୍ଭୁତ ଜଳ ବଗିଚାକୁ ଚିତ୍ରିତ କରିଛନ୍ତି ।" ଏଠାରେ 'ସେ' କିଏ ? ନିଜ ଶବ୍ଦରେ ଏହି ଉକ୍ତିର ଯଥାର୍ଥତାକୁ ଦର୍ଶାଅ । (ପାଠ – ୬ ଦେଖ)

(ଖ) କେଉଁ ୟୁରୋପୀୟ ଚିତ୍ରକଳାର ଶୈଳୀ ପଲ୍ ସେଜେନ୍‌ଙ୍କୁ ଅଧିକ ପ୍ରଭାବିତ କରିଥିଲା ଏବଂ ସେହି ଶୈଳୀ ସମ୍ପର୍କରେ ନିଜ ଶବ୍ଦରେ ଲେଖ । (ପାଠ – ୩ ଏବଂ ୬ ଦେଖ)

୪. ନିମ୍ନରେ ଦିଆ ଯାଇଥିବା ପ୍ରଶ୍ନ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର **ଉତ୍ତର**ପ୍ରାୟ ୧୦୦ - ୧୫୦ ଶବ୍ଦ ମଧ୍ୟରେ ଦିଅ । (୪)

(କ) କିଏ ଅତ୍ୟନ୍ତ ବାସ୍ତବିକ ରୂପକୁ ଅବାସ୍ତବିକ ରୂପରେ ସଂଯୋଜିତ କରୁଥିଲେ ? ନିଜ ଶବ୍ଦରେ ବର୍ଣ୍ଣନା କର ।

( ପାଠ ୩ ଏବଂ ୬ ଦେଖ)

(ଖ) ପ୍ରସିଦ୍ଧ ଚିତ୍ରକଳା 'ଶୃଙ୍ଗାର'ର ଅଧ୍ୟୟନ କର । ଏହି ଚିତ୍ରକଳାରେ ଆଲୋକ ଏବଂ ଛାଇର ପ୍ରଭାବଶାଳୀ ବ୍ୟବହାରକୁ କିଭଳି ଦର୍ଶା ଯାଇଥାଏ ? (ପାଠ -୩ ଦେଖ)

୫. ନିମ୍ନରେ ଦିଆ ଯାଇଥିବା ପ୍ରଶ୍ନ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର **ଉତ୍ତର**ପ୍ରାୟ ୧୦୦ - ୧୫୦ ଶବ୍ଦ ମଧ୍ୟରେ ଦିଅ । (୪)

(କ) କଳ୍ପସୂତ୍ର ଚିତ୍ରର କଳାକାରଙ୍କର ଭୂମିକାକୁ ସ୍ପଷ୍ଟ କର । ଜୈନ ଲଘୁ ଶୈଳୀ ଉପରେ ଏକ ସଂକ୍ଷିପ୍ତ ଟିପ୍ପଣୀ ଲେଖ ।

(ପାଠ – ୩ ଦେଖ)

(ଖ) ଭାରତୀୟ ଲୋକ କଳାରେ ବିକଶିତ ବିଭିନ୍ନ ପ୍ରକାରର କର୍ମକାଣ୍ଡୀୟ କଳା ସମ୍ପର୍କରେ ବ୍ୟାଖ୍ୟା କର । (ପାଠ – ୪ ଦେଖ)

୬. ନିମ୍ନରେ ଦିଆ ଯାଇଥିବା ପ୍ରକଳ୍ପ ଗୁଡିକ ମଧ୍ୟରୁ ଯେକୌଣସି ଏକ ପ୍ରକଳ୍ପ ପ୍ରସ୍ତୁତ କର । (୬)

(କ) ତୁମେ ପାରମ୍ପରିକ ଚଙ୍ଗାଣ ଚିତ୍ରକଳା / ଝୋଟି ଆଲପ୍ନା ଏବଂ କୋଲମ୍‌ରୁ ପ୍ରେରଣା ନେଇ ପାରିବ । ଚାଉଳର ଗୁଣ୍ଡ ନିଅ ଏବଂ ତାହାକୁ ପାଣି ମିଶାଇ ପତଳା ଆଣ ତିଆରି କର, ନିଜ ଆଙ୍ଗୁଠି ସାହାଯ୍ୟରେ ଏକ ଡିଜାଇନ୍ ପ୍ରସ୍ତୁତ କର । ଏହି ଡିଜାଇନ୍‌ରେ ତୁମେ କରିଥିବା ଆକୃତି ଗୁଡିକ ସମ୍ପର୍କରେ ଲେଖ । ଏବେ ଏହି ଡିଜାଇନ୍‌ର ଫଟୋ ନିଅ ଏବଂ ଏହାକୁ କାଗଜ ଉପରେ ଲଗାଇ ଦିଅ ।

(ଖ) ନିଜର ପରିଦୃଷ୍ଟିର ଜ୍ଞାନକୁ ପ୍ରୟୋଗ କରି ସଡକ ଉପରେ ଦଶଟି ଲ୍ୟାମ୍ପ ପୋଷ୍ଟ ତିଆରି କର । ନିଜର ଚିତ୍ରରେ ସମାନ୍ତରାଳ ରେଖା ଏବଂ ଲୁପ୍ତ ବିନ୍ଦୁ ଦେବାକୁ ଯେପରି ଭୁଲିବ ନାହିଁ ।

**ତଥ୍ୟ ନିବେଶ ପ୍ରକ୍ରିୟା (୨୨୯)**

## DEO – 229

**ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୨୨-୨୩)**

## TUTOR MARKED ASSIGNMENT (TMA), 2022-23

**ସର୍ବାଧିକ ନମ୍ବର – ୨୦**

Max. Marks :20

ଟିପ୍ପଣୀ :i. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାର୍ଶ୍ୱରେ ଉଲ୍ଲେଖ କରାଯାଇଛି ।

ii. ଉତ୍ତର ଖାତାର ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ,ପଞ୍ଜିକରଣ ସଂଖ୍ୟା (ଏନରୋଲ୍‌ମେଂଟ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ପଷ୍ଟ ଭାବରେ ଲେଖ ।

୧. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଶେଖର Notations ନାମରେ ଏକ Folder ପ୍ରସ୍ତୁତ କରିବାକୁ ଚାହୁଁଥିଲା । କିନ୍ତୁ ଭୁଲ୍‌ବଶତଃ ଏହା Notes ନାମରେ ପ୍ରସ୍ତୁତ ହୋଇଗଲା । ଉକ୍ତ ଫୋଲ୍‌ଡରଟିକୁ Notations ନାମରେ ପୁନଃନାମିତ କରିବାର ସୋପାନଗୁଡ଼ିକ ଲେଖ ।

(ପାଠ -୨ ଦେଖ)

ଖ) ରାଜ୍ ବଜାରରୁ କମ୍ପ୍ୟୁଟରର ଯନ୍ତ୍ରାଂଶଗୁଡ଼ିକ କିଣି ଏକତ୍ରୀକରଣ (assembly) କରିବାକୁ ଚାହୁଁଛି । ୪ଟି ମୁଖ୍ୟ ଅତ୍ୟାବଶ୍ୟକ ଯନ୍ତ୍ରାଂଶ / ଉପକରଣର ନାମ ଲେଖ, ଯାହା ଗୋଟିଏ କମ୍ପ୍ୟୁଟର ପାଇଁ ପ୍ରୟୋଜନ ଅଟେ ।

କମ୍ପ୍ୟୁଟରର assembly ପରେ ନିମ୍ନଲିଖିତ କେଉଁ ସଫ୍ଟୱେୟାର ସ୍ଥାପନ କରିବା ଆବଶ୍ୟକ ଅଟେ ।

i. ଡ୍ରାଇଭର ସଫ୍ଟୱେୟାର
ii. ଅପରେଟିଙ୍ଗ୍ ସିଷ୍ଟମ୍
iii. ୱାର୍ଡ ପ୍ରୋସେସର
iv. ଆଂଟି – ଭାଇରସ୍ ସଫ୍ଟୱେୟାର

(ପାଠ୍ୟ - ୨ ଦେଖ)

୨. ନିମ୍ନୋକ୍ତ ପ୍ରଶ୍ନ ମଧ୍ୟରୁ ଯେକୌଣସି ଗୋଟିକର ଉତ୍ତର୪୦ରୁ ୬୦ ଶବ୍ଦ ମଧ୍ୟରେ ପ୍ରଦାନ କର । (୨)

କ) ଶ୍ରୁତି ନିଜ କମ୍ପ୍ୟୁଟରରେ ଥିବା ନଥି, ଫୋଲ୍ଡର ଏବଂ ଗଛିତ (storage)ରେ ଉପକରଣର ଶ୍ରେଣୀବଦ୍ଧ ତାଲିକା ବିଷୟରେ ଜାଣିବାକୁ ଚାହେଁ । ନଥି ଏବଂ ଫୋଲ୍ଡର୍‌ଗୁଡ଼ିକ ଦେଖିବାର ସୋପାନଗୁଡ଼ିକ ଲେଖ ।

(ପାଠ୍ୟ – ୨ ଦେଖ)

ଖ) Shortcut ବୋତାମଗୁଡ଼ିକ ଲେଖ :

I. ପେଜ୍‌ବ୍ରେକ୍

II. ସବସ୍କ୍ରିପଟ୍

III. ପୂର୍ବ ସେଲ୍‌କୁ ଯିବା ପାଇଁ

IV. ଡବଲ ଅଣ୍ଡରଲାଇନ୍

(ପାଠ୍ୟ – ୩ ଦେଖ)

୩. ନିମ୍ନୋକ୍ତ ଯେକୌଣସି ଗୋଟିଏ ପ୍ରଶ୍ନର **ଉତ୍ତର**୪୦ରୁ ୬୦ ଶବ୍ଦ ମଧ୍ୟରେ ପ୍ରକାଶ କର । (୨)

କ) ରାହୁଲ୍ ଏକ ଡକ୍ୟୁମେଂଟ/ ନଥି ପ୍ରସ୍ତୁତ କରିଛି ଏବଂ ସେ ଅନ୍ୟ ବ୍ୟବହାରକାରୀଙ୍କଠାରୁ ଉକ୍ତ ଡକ୍ୟୁମେଂଟକୁ ସୁରକ୍ଷା ଦେବାକୁ ଚାହୁଁଛି । ଡକ୍ୟୁମେଂଟ/ ନଥିକୁ ସୁରକ୍ଷା ଦେବାର ସୋପାନଗୁଡ଼ିକ ଲେଖ । (ପାଠ୍ୟ – ୩ ଦେଖ)

ଖ) କାର୍ଯ୍ୟଫର୍ଦ୍ଦ (ୱାର୍କସିଟ୍) ଓ କାର୍ଯ୍ୟଖାତା (ୱାର୍କବୁକ୍) ମଧ୍ୟରେ ପାର୍ଥକ୍ୟ ଦର୍ଶାଅ । (ପାଠ୍ୟ – ୬ ଦେଖ)

୪. ଯେକୌଣସି ଗୋଟିଏ ପ୍ରଶ୍ନର **ଉତ୍ତର**୪୦ରୁ ୬୦ ଶବ୍ଦ ମଧ୍ୟରେ ପ୍ରଦାନ କର । (୪)

କ) ଟାଇପିଙ୍ଗ୍ ବିନ୍ୟାସ ଫର୍ଦ୍ଦ, ନିବେଶ ବିନ୍ଦୁ, ମାଉସ୍ ପଏଂଟର ଏବଂ ଏଣ୍ଡ - ଅଫ୍ - ଡକ୍ୟୁମେଂଟ ମାର୍କର ସମ୍ବନ୍ଧରେ ଲେଖ ।

(ପାଠ୍ୟ – ୩ ଦେଖ)

ଖ) ଫ୍ରିଜ୍ ପ୍ୟାନସ୍ କ'ଣ ବୁଝାଅ । ଉପଯୁକ୍ତ ଉଦାହରଣ ନେଇ ଏହାର ସୁଗୁଣ ଲେଖ । (ପାଠ୍ୟ – ୬ ଦେଖ)

୫. ନିମ୍ନୋକ୍ତ ପ୍ରଶ୍ନ ମଧ୍ୟରୁ ଗୋଟିକର **ଉତ୍ତର**୧୦୦ରୁ ୧୫୦ ଶବ୍ଦ ମଧ୍ୟରେ ପ୍ରଦାନ କର ।

କ) ରାହୁଲ୍ ନିଜ କମ୍ପ୍ୟୁଟରରେ ସଫ୍ଟୱେୟାର ସ୍ଥାପନ କରିବାକୁ ଚାହୁଁଛି । ସଫ୍ଟୱେୟାର ସ୍ଥାପନରେ ତାକୁ ସାହାଯ୍ୟ କର ଏବଂ ସୋପାନଗୁଡ଼ିକ ଲେଖ । କିନ୍ତୁ ରାହୁଲ୍ ସଫ୍ଟୱେୟାର୍ ସ୍ଥାପନ କରିବାରେ ତ୍ରୁଟି କରିଛି ଏବଂ ସେ ଚାହୁଁଛି ଉକ୍ତ ସଫ୍ଟୱେୟାରଗୁଡ଼ିକ ବିଲୋପ ବା କାଟି ଦେବା ପାଇଁ । ବିଲୋପ (ଡିଲିଟ୍) କରିବାର ସୋପାନଗୁଡ଼ିକ ଲେଖ । (ପାଠ୍ୟ – ୨ ଦେଖ)

ଖ) ସ୍ୱାତୀ ଜଣେ ମାନବ ସମ୍ବଳ HR ପରିଚାଳକ ଭାବରେ Reach Recrutitment Company ରେ କାର୍ଯ୍ୟରତ । ସେ ଏକ Spreadsheetରେ ୧୫ ଜଣ Junior Engineer ପ୍ରାର୍ଥୀଙ୍କ resumes ଗଚ୍ଛିତ ରଖିଛନ୍ତି । ୪ ପର୍ଯ୍ୟାୟରେ ସାକ୍ଷାତକାର ପରୀକ୍ଷା କରାଯାଉଥିଲା । ପରିଚାଳକ ପ୍ରତ୍ୟେକ ପର୍ଯ୍ୟାୟରେ Spreadsheetରେ ଫଳାଫଳ ଗୋପନୀୟ ଭାବରେ ଗଚ୍ଛିତ ରଖିବା ପାଇଁ ଚାହିଁଲେ । ଉକ୍ତ Workbook କୁ ନିରାପଦରେ ରଖିବା ପାଇଁ ବିଭିନ୍ନ ପର୍ଯ୍ୟାୟଗୁଡ଼ିକ ବର୍ଣ୍ଣନା କର ।

(ପାଠ୍ୟ – ୬ ଦେଖ)

୬. ନିମ୍ନଲିଖିତ ପରିକଳ୍ପନା ମଧ୍ୟରୁ କେବଳ ଗୋଟିଏ ପରିକଳ୍ପନା ପ୍ରସ୍ତୁତ କର ।

କ) ନିମ୍ନଲିଖିତ ସାରଣୀକୁ ଅନୁସରଣ କରି ଏକ ନୂତନ କାର୍ଯ୍ୟପୁସ୍ତିକା ତିଆରି କର ଏବଂ ନଥିଟିର ନାମ "payroll" ଦେଇ ଗଚ୍ଛିତ କର ।

| | A | B |
|---|---|---|
| 1 | Payroll | |
| 2 | Date: | |
| 3 | EMP No | EMP Name |
| 4 | E001 | Rahul |
| 5 | E002 | Sekhar |
| 6 | | Sanget |

i. ଚାହୁଁଥିବା କୋଠରୀର ସଠିକ୍ ମୂଲ୍ୟ ଏବଂ ଲେବଲ୍ ପ୍ରୟୋଗ କର ।
ii. କୋଠରୀ A4:A8 ରେ ଥିବା କର୍ମଚାରୀଙ୍କ କ୍ରମାଙ୍କକୁ autofill କର ।
iii. ସ୍ତମ୍ଭର ଓସାର ଏବଂ ଧାଡ଼ିର ଉଚ୍ଚତାକୁ ନିରୂପଣ କର ।
iv. ଲେବଲ୍ alignment କୁ ଉପଯୁକ୍ତ ଭାବରେ ପ୍ରସ୍ତୁତ କର ।

v. ଇଚ୍ଛାଅନୁଯାୟୀ warp text ଏବଂ merge କୋଠରୀର ବ୍ୟବହାର କର ।

vi. ଇଚ୍ଛା ଅନୁଯାୟୀ ସାରଣୀର ସୀମା, gridlines ଏବଂ ସେଡିଙ୍ଗ୍‌ର ପ୍ରୟୋଗ କର ।

vii. କୋଠରୀ B2 କୁ ସଂକ୍ଷିପ୍ତ ତାରିଖ ଗଠନ ଅନୁଯାୟୀ ଲେଖ ।

viii. କର୍ମଚାରୀଙ୍କ ମୋଟ୍ ଦରମାକୁ ହିସାବ କର ।

ix. ଏକ ପୃଷ୍ଠାରେ worksheetକୁ ଭୂଲମ୍ବ ଏବଂ ସମାନ୍ତର ଭାବରେ ପ୍ରସ୍ତୁତ କର ।

x. ନିଜ କାର୍ଯ୍ୟ (Work)କୁ ସଂରକ୍ଷଣ କର ।

ଖ) ଅନୁପ୍ର ଶିକ୍ଷକ ତାର ଡକ୍ୟୁମେଂଟକୁ, ଏକ ନୂତନ ଡକ୍ୟୁମେଂଟ/ ନଥି ଆକାରରେ ରଖିବା ପାଇଁ ତାକୁ ନିର୍ଦ୍ଦେଶ ଦେଲେ । ଉକ୍ତ ଡକ୍ୟୁମେଂଟରେ ପୁନର୍ବାର କିଛି ଉପାଦାନ ଯୋଡ଼ିବାକୁ ଏବଂ ଗଚ୍ଛିତ ରଖିବା ପାଇଁ କହିଲେ ।

ଡକ୍ୟୁମେଂଟର ପ୍ରସ୍ତୁତି, ଗଚ୍ଛିତ ରଖିବା, ସଂଶୋଧନ କରିବା ଏବଂ ଡକ୍ୟୁମେଂଟରେ exit କରିବାର ସୋପାନଗୁଡ଼ିକ ଲେଖ ।

(ପାଠ୍ୟ – ୩ )